ବର୍ଷ-୨୬, ସଂଖ୍ୟା-୧୧୩
ଭୁବନେଶ୍ୱର
୨୬, ଏପ୍ରିଲ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 113
Bhubaneswar
26, April, 2026 Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ସାଲନ୍ଦୀରେ ବୁଡ଼ି ଜେଜେମା ଓ ନାତୁଣୀ ମୃତ

**ଭଦ୍ରକ,୨୫।୪(ମହାଭାରତ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତଳଗୋପବିନ୍ଧା ପଂଚାୟତ ଅଧିନ ତଳଗୋପବିନ୍ଧା ପଦାସାହି ଗ୍ରାମର ଗୋଟିଏ ପରିବାରର ଜେଜେମା ଓ ତାଙ୍କ ନାତୁଣୀ ସାଲନ୍ଦୀ ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଜେଜେମାଙ୍କ ନାମ ଦୌପଦୀ ବେହେରା (୮୨) ଓ ତାଙ୍କ ନାତୁଣୀ ଲକ୍ଷ୍ମୀପ୍ରିୟା (୧୫) ବୋଲି ଜଣାପଡିଛି। ଏମାନେ ସାଲନ୍ଦୀ ନଦୀ ପାଖକୁ ଦିନ ୧ ଘଟିକା ସମୟରେ ଆମ୍ବ ତୋଳିବାକୁ ଯାଇଥିଲେ। ଆମ୍ବତୋଟା ପାଖରେ ଥିବା ଉଚ୍ଚା ନଦୀବନ୍ଧରୁ ନାତୁଣୀ ଲକ୍ଷ୍ମୀପ୍ରିୟାର ଗୋଡ ଖସିଯିବା ସମୟରେ ସେ ଜେଜେମା ଦ୍ରୌପଦୀଙ୍କ ହାତକୁ ଧରି ପକାଇଥିଲେ।ଫଳରେ ଦୁଇଜଣ ନଦୀରେ ପଡିଯାଇଥିଲେ। ସେମାନେ କିଛି ସମୟଧରି ଘରକୁ ନ ଫେରିବାରୁ ଘରଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ନଦୀ ଭିତରୁ ତାଙ୍କ ମୃତ ଦେହକୁ ପାଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳର ଶୋକର ଛାୟା ଖେଳି ଯାଇଛି।

## ନୀତି ଆୟୋଗର ଉପାଧକ୍ଷ ଅଶୋକ ଲାହିଡ଼ି



**ନୂଆଦିଲ୍ଲୀ,୨୫।୪(ମହାଭାରତ):** ପଶ୍ଚିମବଙ୍ଗରେ ଚାଲୁଥିବା ବିଧାନସଭା ନିର୍ବାଚନ ମଧ୍ୟରେ ପୂର୍ବତନ ଆର୍ଥିକ ପରାମର୍ଶଦାତା ଅଶୋକ ଲାହିଡ଼ୀଙ୍କୁ ନୀତି ଆୟୋଗର ନୂତନ ଉପାଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନ ଉପାଧକ୍ଷ ସୁମନ ବେରୀଙ୍କ ସ୍ଥାନ ନେବେ। ଏହାସହିତ, ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ, ଭୋପାଳର ନିର୍ଦ୍ଦେଶକ ଗୋବର୍ଦ୍ଧନ ଦାସଙ୍କୁ କେନ୍ଦ୍ର ସରକାରଙ୍କ ପ୍ରମୁଖ ନୀତି ମଞ୍ଚର ସଦସ୍ୟ ଭାବେ ନାମିତ କରାଯିବ। ଅଶୋକ ଲାହିଡ଼ୀ ପଶ୍ଚିମ ବଙ୍ଗର ବାଲୁରଘାଟରୁ ଭାରତୀୟ ଜନତା ପାର୍ଟିର ବିଧାୟକ ଅଟନ୍ତି, କିନ୍ତୁ ସେ ୨୦୨୬ର ବିଧାନସଭା ନିର୍ବାଚନ ଲଢୁନାହାନ୍ତି। ଗୋବର୍ଧନ ଦାସ ଏହା ପୂର୍ବରୁ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ କାମ କରିଛନ୍ତି। ସେ ୨୦୨୧ର ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ପୂର୍ବସ୍ଥଳୀ ଉତ୍ତର ଆସନରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଏହି ଦୁଇଟି ନିଯୁକ୍ତିର ସମୟକୁ ରାଜନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ମନାଯାଉଛି, କାରଣ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ଚାଲିଛି ଏବଂ ଦ୍ୱିତୀୟ ପର୍ଯ୍ୟାୟର ମତଦାନ ବୁଧବାର ହେବ।

## ଦୁଇ ଇଂଜିନିୟରଙ୍କୁ ୨ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୨୫।୪ (ମହାଭାରତ):** ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟସରକାରୀ ଅର୍ଥ ହେରଫେର ସମ୍ପର୍କିତ ଏକ ମାମଲାରେ ଦୁଇଜଣ ଇଞ୍ଜିନିୟରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୁଇ ବର୍ଷ କରି ସଶ୍ରମ କାରାଦଣ୍ଡ ସହିତ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ସଦାନନ୍ଦ ପ୍ରଧାନ, ମାନେଶ୍ୱର ବ୍ଲକ, ସମ୍ବଲପୁର ଏବଂ ବିରଞ୍ଚି ନାରାୟଣ ଦାଶ ଅନ୍ତର୍ଭୁକ୍ତ ଅଟନ୍ତି। ଏହି ମାମଲା ୨୦୦୮-୦୯ ମସିହାରେ ମହାତ୍ମା ଗାନ୍ଧୀ ନରେଗା ଯୋଜନା ଅଧୀନରେ ମାନେଶ୍ୱର ବ୍ଲକରେ ରାସ୍ତା ମରାମତି କାମ ସମୟରେ ହୋଇଥିବା କଥିତ ଅନିୟମିତତା ସହିତ ସମ୍ପର୍କିତ ଅଟେ। ଅଭିଯୋଗ ଅନୁସାରେ, ସରକାରୀ ଅର୍ଥ ହେରଫେର କରିବା ପାଇଁ କାମର ମାପରେ ଭୁଲ ଭାବେ ବୃଦ୍ଧି ଦର୍ଶାଇ ଧନର ଦୁରୁପଯୋଗ କରାଯାଇଥିଲା। ଏହି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଅଧିନିୟମ, ୧୯୮୮ ଏବଂ ଭାରତୀୟ ଦଣ୍ଡ ସଂହିତାର ସମ୍ବନ୍ଧିତ ଧାରା ଅନୁସାରେ ମାମଲା ରୁଜୁ କରାଯାଇ ଅଭିଯୋଗପତ୍ର ଦାଖଲ କରାଯାଇଥିଲା।

### ବିଶ୍ୱ ପ୍ରାଣିଚିକିତ୍ସା ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ୭୬ ପ୍ରାଣୀଚିକିତ୍ସାଳୟ ସହ ୧୦୦ କୋଟିର ପ୍ରକଳ୍ପ ଲୋକାର୍ପିତ




**ଭୁବନେଶ୍ୱର,୨୫।୪ (ମହାଭାରତ):** ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚିକିତ୍ସାଳୟ ଓ ୪ ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ଚୁକ୍ତି ସହ ଗକ୍ଟ ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚ଼ିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।

କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ ଠରସ୍ୱରକ୍ସଭବକ୍ଟଚ ଉକ୍ଟମସ୍କକ୍ଟକ୍ସ ମାନେ। ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ସେ ଉଲ୍ଲେଖ କରିଥିଲେ।

ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି।ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି।କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି।

## ମାତୃଶକ୍ତିର ସମର୍ଥନ ସତ୍ତ୍ୱେ ବିକାଶ ପଥରେ ବାଧା ସୃଷ୍ଟି କରୁଛନ୍ତି ବିରୋଧୀ



**ଦେବଗଡ,୨୫।୪ (ମହାଭାରତ):** ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ । ଏହି ଯୋଜନାକୁ ଲାଗୁ କରିବା ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ବାବୁ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ମୋଦୀ ଜୀ ମହିଳାଙ୍କ ସିଟ୍ ବଢ଼ାଇବାକୁ ପଣ କରିଥିବା ବେଳେ ଏଥିରେ ଦେବଗଡ଼ବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି।

ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି । ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ ଉପଲବ୍ଧି । ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି । ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ ।

## ୪୭ କ୍ୟାଡର ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୫।୪ (ମହାଭାରତ):** ସରକାରଙ୍କ ଶେଷ ଧାର୍ଯ୍ୟ ସମୟ ମଧ୍ୟରେ ଆତ୍ମସମର୍ପଣ କରିପାରିନଥିବା ନକ୍ସଲ ଏବେ ଧୀରେଧୀରେ ଜଂଗଲରୁ ବାହାରି ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ଆଜି ଦୁର୍ଦ୍ଦାନ୍ତ ମାଓ ନେତା ହେମଲା ଓରଫ ଭିଜା ସମେତ ୪୬ ନକ୍ସଲ ଆତ୍ମସମର୍ପଣ କରିଛନ୍ତି।

ହାଇଦ୍ରାବାଦ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏମାନେ ୩୨ଟି ହତିଆର ହସ୍ତାନ୍ତର କରି ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ସରକାର ୧ କୋଟି ୫୦ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ହେମଲା, ଏସିଏମଭି. ଆନ୍ଦେ, ଓଣ୍ଡେ ଭୀମେ, ସୋଡି ଉଙ୍ଗା, ସୋଡି ଦସରୁ, ଉଦମ ବୁଦ୍ରା, ମାଡକମ ସନି, ଉଇକା ଭୀମା, ସୋଡି ସୋମଡି, ମାଡବି କୋସି, ଉଇକା ସୋନା, ମାଡବୀ ବୋଡି, ପାର୍ଟି ମେମ୍ବର କୁଞ୍ଜାମ ଭୀମା, ମାଡବୀ ଆଡିମେ, କୁଞ୍ଜାମ ଭୀମା, ମାଡକମ ଜଗା, କୋରସା ମାଙ୍ଗଲି, ଉଇକେ ସୋନଥି, ମୁଚାକି ଜଗା, ନୂପୋ କୋସା, କୁଡେମ କୋମା, ମୁଚ଼ାକି ଭୀମା, ମାଡକମ ନନ୍ଦୁ, ମାଡବୀ ବିଚେମ, ମାଡବୀ ରମେଶ, ମାଡବି ଲାକେ, ମାଡବି ରାମା, ମାଡକମ ଇଡୁମେ, ଡିଭିଜନାଲ କମିଟି ମେମ୍ବର ବାଡିସେ ସୁନ୍ଦରି, ସାଭଲାମ ବିଚ଼ମ, ଏସିଏମ ମାଡକମ ଇଡୁମେ, ପାର୍ଟି ମେମ୍ବର ହେମଲା ଲାଲୁ, ଡିଭିସିଏମ ସଦସ୍ୟ ପଡ଼ିୟମ ଲାଛୁ, ମାଡବି ନନ୍ଦ, ମାଡକମ ଲିଙ୍ଗେ, ଡୋଡି ଲାକେ, ମାଡବି ମାସା, ତାଟି ଭିମା, ମାଡବି ଅଭିଶେଖ, ଭାଞ୍ଜାମ ଜିମେ, କୁଞ୍ଜାମ ସୋନା ଏବଂ ମାଡବି ସାନା। ପ୍ରଶାସନ ତରଫରୁ ସମସ୍ତ ନକ୍ସଲଙ୍କୁ ୨୫ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।




# ମୁଖ୍ୟ ଶାସନ ସଚିବଙ୍କ ପୁରୀ ରଥଯାତ୍ରା ପାଇଁ ସମୀକ୍ଷା

**ଭୁବନେଶ୍ୱର,୨୫।୪ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସଂପର୍କିତ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତିର କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ପ୍ରସ୍ତୁତି ଓ କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ(ଆଧୁନିକୀକରଣ ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ, ପୁରୀ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପୁରୀ ଶ୍ରୀ ପ୍ରତୀକ ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରାରେ ରଥଟଣା କିପରି ଶୃଙ୍ଖଳିତ ଭାବେ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରଥ କର୍ଡନ ଭିତରକୁ ପାସ୍ ଧାରୀଙ୍କ ପ୍ରବେଶ ଅଧିକ ରହୁଥିବାରୁ ରଥ ଟଣାରେ ଅସୁବିଧା ଉପୁଜୁଛି । ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା ବହୁ ସଂଖ୍ୟାରେ କମାଇବା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ରଥ ନିର୍ମାଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢ଼ୀ ସୂଚନା ଦେଇଥିଲେ । ଅପ୍ରେଲ ୨୦ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ଆରମ୍ଭ ହୋଇଛି । ରଥ ନିର୍ମାଣ ଅଗ୍ରଗତି ତଦାରଖ କରିବା ପାଇଁ ଏକ ବୈଷୟିକ କମିଟି ରହିଛି । ଏହି କାର୍ଯ୍ୟ ନିୟମିତ ଅନୁଧ୍ୟାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ।




ରଥ ନିର୍ମାଣ ପାଇଁ ଆବଶ୍ୟକ ୮୬୫ ଖଣ୍ଡ କାଠ ମଧ୍ୟରୁ ୫୭୬ ଟି ସଂଗ୍ରହ ସରିଛି ଓ ଆବଶ୍ୟକ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ନେଇ ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଥିଲେ । ରଥ ଦଉଡି ଯେପରି ମଜବୁତ୍ ରୁହେ, ସେଥିପ୍ରତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓବିସିସି ପକ୍ଷରୁ ନିର୍ମାଣାଧିନ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଆଚାର୍ଯ୍ୟ ହରିହର ଛକର ପୁନଃ ବିକାଶ , ଦିଗବାରେଣୀ ଠାରେ ବହୁତଳ ପାର୍କିଂ ବ୍ୟବସ୍ଥା , ଯାତ୍ରିକା ପାର୍କିଂ-୧ ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସରିବା ନେଇ ପ୍ରସ୍ତୁତି ଅଗ୍ରଗତି ଘଟିଛି । ସେ ସଂପର୍କରେ ଜିଲ୍ଲାପାଳ , ପୁରୀ ବିସ୍ତୃତ ସୂଚନା ଦେଇଥିଲେ। ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ୫୦ ଟି ହାଇମାଷ୍ଟ ଲାଇଟ୍ ଲାଗିବ, ଫଳରେ ଏହା ବଡ଼ଦାଣ୍ଡକୁ ଅଧିକ ଆଲୋକିତ କରିବ । ପୁରୀ ସମୁଦ୍ରକୂଳରେ ୬ ଟି ବାୟୋ-ଶୌଚାଳୟ ବ୍ଲକ ସ୍ଥାପନ ହେବ, ଯେଉଁଥିରେ ୧୮ ଟି ଏକକ ଶୌଚାଳୟ ସୁବିଧା ମିଳିବ । ଏଥି ସହିତ ପୁଲିସ୍ ଶିବିର ସ୍ଥଳ, ପାର୍କିଂ ଅଂଚଳ ଏବଂ ଜନସାଧାରଣଙ୍କ ପାଇଁ ମୋଟ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା। ଅଧିକ ବର୍ଷା ହେଲେ ପୁରୀ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ନେଇ ଯୋଜନା ସଂପର୍କରେ ଉପସ୍ଥାପନ କରାଯାଇଥିଲା । ୨୩ ଟି ସ୍ଥାନ ଚିହ୍ନଟ ହୋଇଛି, ଯେଉଁଠାରୁ ଉଚ୍ଚ କ୍ଷମତା ବିଶିଷ୍ଟ ପମ୍ପ ସେଟ୍ ଦ୍ୱାରା ଜଳ ନିଷ୍କାସନ ହୋଇପାରିବ । ରଥଟଣାକୁ ସୁଗମ କରିବା ପାଇଁ ବଡଦାଣ୍ଡରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି ଓ ମଇ ମାସ ସୁଦ୍ଧା ଶେଷ ହେବ । ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ୨୧ ଟି ପାର୍କିଂ ସ୍ଥଳ ଚିହ୍ନଟ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜରୁରୀ କାଳୀନ ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନରେ ୮ ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସାଳୟ ବ୍ୟବସ୍ଥା କରାଯାଉଛି , ଯଦ୍ୱାରା ପୁରୀ ମୁଖ୍ୟ ଚିକିତ୍ସାଳୟ ଏବଂ ଟିବି ଓ ଆଇଡିଏସ୍ ଡାକ୍ତରଖାନା ଉପରେ ନିର୍ଭରଶୀଳତା ଚାପ କମିବ। ମାଟିଆପଡା ଠାରେ ପୁରୀ-କୋଣାର୍କ ରୋଡ୍ ଓଭର ବ୍ରିଜ୍ କାମ ଶେଷ ପର୍ଯ୍ୟାୟରେ ପହଁଚିଛି ଓ ଆବଶ୍ୟକ ଜରୁରୀ କାର୍ଯ୍ୟ ଶେଷ ପରେ ରଥଯାତ୍ରା ପୂର୍ବରୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ଏହା ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ଯାତାୟତରେ ସୁବିଧା ହେବ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପରିଚାଳନା, ବିଭିନ୍ନ ସ୍ଥାନରେ ସର୍ଭେଲାନ୍ସ ପାଇଁ ସ୍ଥାୟୀ ଓ ଅସ୍ଥାୟୀ ସିସିଟିଭି ଓ ଜରୁରୀକାଳୀନ ବ୍ୟବସ୍ଥା, ପୁରୀ ସହର ଭିତର ଓ ସଂଲଗ୍ନ ରାସ୍ତା ମରାମତି, ସ୍ୱାସ୍ଥ୍ୟ, ପରିମଳ, ନିୟନ୍ତ୍ରଣ କକ୍ଷ ପରିଚାଳନା, ଯଥେଷ୍ଟ ସଂଖ୍ୟକ ପୁଲିସ୍ ମୁତୟନ, ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ଆଦି ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧ କପ,ଚିନି ୧ ଟେବୁଲ ଚାମଚ,କୋକୋ ପାଉଡ଼ର ୧ ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ ଟେବୁଲ ଚାମଚ,ଘିଅ ୧ ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।



## ଖବର

# ଛତ୍ରପତି ଶିବାଜୀ ମହାରାଜ' ଫିଲ୍ମ ଟ୍ରେଲର ରିଲିଜ



ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ଆଉ ଏକ ପ୍ରମୁଖ ଫିଲ୍ମ ଆସୁଛି । ରାଜା ଶିବାଜୀ, ଯାହା ବୀର ମରାଠା ଯୋଦ୍ଧା ଏବଂ ହିନ୍ଦ ସ୍ୱରାଜ୍ୟର ପ୍ରତିଷ୍ଠାତାଙ୍କ ଜୀବନୀକୁ ବର୍ଣ୍ଣନା କରିଥାଏ । ଏହି ଫିଲ୍ମଟି ରିତେଶ ଦେଶମୁଖଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ଟ୍ରେଲର ଏବେ ମୁକ୍ତିଲାଭ କରିଛି । ବଲିଉଡର ଅନେକ ବଡ଼ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିଛି । ମେ ୧ ତାରିଖରେ ହିନ୍ଦୀ, ମରାଠୀ ଏବଂ ତେଲୁଗୁ ଭାଷାରେ ଥିଏଟରରେ ମୁକ୍ତିଲାଭ କରିବ ।ଟ୍ରେଲରରେ ସ୍ୱରାଷ୍ଟ ପାଇଁ ସଂଘର୍ଷ ଏବଂ ମରାଠା ବିଦ୍ରୋହକୁ ଦର୍ଶାଯାଇଛି ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ରିତେଶ ଦେଶମୁଖ ଓ ତାଙ୍କ ପତ୍ନୀ ଜେନେଲିଆ ଡିସୁଜା ସାଇବାଇ ଭୂମିକାରେ ଅଭିନୟ କରିଛନ୍ତି । ବିଦ୍ୟା ବାଲାନ ଏକ ନକାରାତ୍ମକ ଭୂମିକାରେ ଅଭିନୟ କରିଛନ୍ତି । ଅଭିଷେକ ଛତ୍ରପତି ଶିବାଜୀଙ୍କ ବଡ଼ ଭାଇ ସମ୍ଭାଜୀ ଶାହାଜୀ ଭୋସଲେଙ୍କ ଭୂମିକାରେ ନଜର ଆସିବେ । ସଞ୍ଜୟ ଦତ୍ତ ଅଫଜଲ ଖାନଙ୍କ ଭୂମିକାରେ ନଜର ଆସିବେ ଫିଲ୍ମରେ ମରାଠାମାନଙ୍କ ଉପରେ କରାଯାଇଥିବା ଅତ୍ୟାଚାରକୁ ଦର୍ଶାଯାଇଛି । କିପରି ଶିବାଜୀ ଶେଷରେ ଅଫଜଲକୁ ଜୀବନ ନିଅନ୍ତି, ତାହା ବେଶ୍ ରୋମାଞ୍ଚକର ରହିଛି। ଏହି କାହାଣୀ ମରାଠାମାନଙ୍କ ଭାବବେଗ ସହିତ ଜଡ଼ିତ ।ଆପଣଙ୍କୁ କହି ରଖୁଛୁ ଯେ, ରିତେଶଙ୍କ ପୂର୍ବରୁ ଅନେକ ଅଭିନେତା ପରଦାରେ ଛତ୍ରପତି ଶିବାଜୀ ମହାରାଜଙ୍କୁ ଚିତ୍ରିତ କରିଛନ୍ତି । ତଥାପି, ରିତେଶ ଏହି ଭୂମିକାରେ ନିଜକୁ ସଫଳତାର ସହ ଭିତ୍ତ କରିଥିବା ପରି ମନେହୁଏ ଶିବାଜୀ ମହାରାଜଙ୍କ ଚିତ୍ରଣରେ ସେ ଯେଉଁଭଳି ଭାବରେ ସନ୍ତୁଳିତ କରିଛନ୍ତି। ତାହା ପ୍ରକୃତରେ ପ୍ରଶଂସନୀୟ ଟ୍ରେଲର ଲ□ ଇଭେ□ରେ, ରିତେଶ ଏବଂ ଜେନେଲିଆ ଉଭୟ ଏହି ଫିଲ୍ମ ବିଷୟରେ କହିବା ସମୟରେ ଆଖି ଲୁହରେ ଭିଜି ଯାଇଥିଲା କାରଣ । ଏହା ତାଙ୍କର ୧୦ ବର୍ଷର କଠିନ ପରିଶ୍ରମର ଫଳ ଥିଲା, ସେମାନଙ୍କ ପାଇଁ, ଏହି ଫିଲ୍ମ ଏକ ସ୍ୱପ୍ନ, ଯାହାକି ସାକାର ହୋଇଛି ।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଉପକାରୀ ପାନମହୁରୀ



ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧ୍ୟରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ ହ୍ରାସ ପାଇବାରେ ଲାଗିଛି । ଓଜନ ବଢିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ୍ୟ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ ।

ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

# ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ।

ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

ବିବାହ ଦୋଷ ଦୂର ହୁଏ:

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରି ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ୍ୟ ହୋଇଥାଏ ।

# ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ।

ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମକ ଆସିଥାଏ ।

# ଧରିତ୍ରୀ 'ବିଜନେସ୍ ଏମିନେନ୍ସ ଆୱାର୍ଡସ୍ ପ୍ରଦାନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୪ (ମହାଭାରତ): ଦୈନିକ ଧରୀତ୍ରୀ ପକ୍ଷରୁ ଗୁରୁବାର ଆୟୋଜିତ ବିଜନେସ୍ ଏମିନେନ୍ସ ଆୱାର୍ଡସ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆପଣମାନଙ୍କ ସହିତ 'ବିଜନେସ୍ ଏମିନେନ୍ସ ଆୱାର୍ଡସ୍ ୨୦୨୬' ରେ ଯୋଗ ଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଓଡ଼ିଶାର ବ୍ୟବସାୟ ଓ ଶିଳ୍ପଜଗତରେ ନିଜ ଦୃଢ଼ ସଂକଳ୍ପ, ପରିଶ୍ରମ, ନବଚିନ୍ତନ ଓ ସମାଜପ୍ରତି ଅଙ୍ଗୀକାର ଦ୍ୱାରା ନୂଆ ଅଧ୍ୟାୟ ରଚନା କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରୁଥିବା ଧରିତ୍ରୀ ଏବଂ ଓରିଶା ପୋଷ୍ଟକୁ ମୁଁ ହୃଦୟରୁ ଅଭିନନ୍ଦନ ଜଣାଉଛି। ଏହି ପୁରସ୍କାର କେବଳ ସଫଳତାର ଉତ୍ସବ ନୁହେଁ, ଏହା ହେଉଛି ସାହସ, ସଂଘର୍ଷ, ଆତ୍ମବିଶ୍ୱାସ, ନିଷ୍ଠା ଓ ଉଦ୍ୟମୀ ମନୋଭାବର ସମ୍ମାନ। ପ୍ରତ୍ୟେକ ସଫଳ ବ୍ୟବସାୟ ପଛରେ ରହିଥାଏ ଅନେକ ଅନିଦ୍ରା ରାତ୍ରି, ଅସଂଖ୍ୟ ପ୍ରୟାସ, ଆହ୍ୱାନର ମୁକାବିଲା ଓ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ। ଯେଉଁମାନେ ଶୂନ୍ୟରୁ ଆରମ୍ଭ କରି ସଫଳତାର ଶିଖରକୁ ପହଞ୍ଚନ୍ତି, ସେମାନେ ସମାଜ ପାଇଁ ପ୍ରେରଣାର ଉତ୍ସ । ଏହି ଆୱାର୍ଡ ଆରମ୍ଭ କରିଥିବାରୁ ମୁଁ ଧରିତ୍ରୀ ପରିବାରକୁ, ବିଶେଷକରି ତଥାଗତ ବାବୁଙ୍କୁ ଧନ୍ୟବାଦ ଜଣାଉଛି।



ଧରିତ୍ରୀ ହେଉଛି ଆଧୁନିକ ଓଡିଶାର ଚିନ୍ତାଧାରାର ପରିଚୟ। ୧୯୭୪ ମସିହାରେ ଦେଶ ଯେତେବେଳେ ଏକ ଟ୍ରାଞ୍ଜିସନ ଫେଜ୍ ?ରେ ଥିଲା, ସେହି ସମୟରେ ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ଏହି ଖବର କାଗଜ ଜନ୍ମନେଇଥିଲା। ଧରିତ୍ରୀ ସବୁବେଳେ ଯୁବ ବର୍ଗର ଆକାଂକ୍ଷାକୁ ପ୍ରତିଫଳିତ କରିଆସିଛି। ବିଶେଷକରି ବ୍ୟବସାୟିକ ତଥା କ୍ରୀଡା ସମ୍ବାଦ ପ୍ରସାରଣ ଯୋଗୁ ଏହା ଯୁବବର୍ଗଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ତଥାଗତ ବାବୁଙ୍କ ନେତୃତ୍ୱରେ ଏହା ସବୁ ବର୍ଗର ପାଠକ ମାନଙ୍କ ପାଇଁ ଉପାଦେୟ ହୋଇପାରିଛି। ଧରିତ୍ରୀ ଖବର କାଗଜର ରୂପରେଖ ଏବଂ ସମ୍ବାଦ ପରିବେଷଣ ଢଙ୍ଗ ନିଶ୍ଚିତ ଭାବେ ଅନ୍ୟମାନଙ୍କଠାରୁ ଭିନ୍ନ ଯାହା ବର୍ଷ ବର୍ଷ ଧରି ପାଠକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଛି।

କୋଭିଡ୍ ମହାମାରୀ ପରି କଠିନ ସମୟରେ ଯେତେବେଳେ ସାରା ବିଶ୍ୱ ଅନିଶ୍ଚିତତାରେ ଆବୃତ ଥିଲା, ସେତେବେଳେ ଏହି ପୁରସ୍କାରର ଆରମ୍ଭ ହେବା ଏକ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଥିଲା। ଏହା ସେହି ଉଦ୍ୟୋଗୀମାନଙ୍କୁ ସମ୍ମାନ ଦେଇଥିଲା, ଯେଉଁମାନେ ସଙ୍କଟରେ ମଧ୍ୟ ନିଜ କର୍ମଚାରୀଙ୍କ ପାଖରେ ଦୃଢ଼ଭାବେ ଠିଆ ହୋଇଥିଲେ, ନିଜ ସଂସ୍ଥାକୁ ଚାଲୁ ରଖିଥିଲେ ଓ ଅର୍ଥନୀତିକୁ ନିଜର ଅବଦାନ ଜାରି ରଖିଥିଲେ। ସେମାନେ କେବଳ ବ୍ୟବସାୟୀ ନୁହନ୍ତି, ସେମାନେ ସମାଜର ପ୍ରକୃତ ସେବକ।

ଆଜି ଓଡ଼ିଶା ନୂତନ ଯୁଗର ସୀମାରେ ଦଣ୍ଡାୟମାନ। ଯେଉଁ ଓଡ଼ିଶା ତାର ସଂସ୍କୃତି, ଐତିହ୍ୟ, କଳା ଓ ପ୍ରାକୃତିକ ସମ୍ପଦ ପାଇଁ ପରିଚିତ, ସେହି ଓଡ଼ିଶା ଆଜି ଶିଳ୍ପ, ନିବେଶ, ଶିକ୍ଷା, ପ୍ରଯୁକ୍ତି ଓ ଆର୍ଥିକ ଅଗ୍ରଗତିର ଏକ ଶକ୍ତିଶାଳୀ କେନ୍ଦ୍ରରେ ପରିଣତ ହେଉଛି। ଓଡ଼ିଶା ଆଜି ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସହିତ ଅଗ୍ରସର ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ହାସଲ କରିଛି । ଆଜିର ଓଡ଼ିଶା ଏକ ପରିବର୍ତ୍ତନର ମହାସନ୍ଧିକ୍ଷଣରେ ଦଣ୍ଡାୟମାନ। ଆମେ କେବଳ କଳା, ସଂସ୍କୃତି ଓ ପ୍ରାକୃତିକ ସମ୍ପଦରେ ସୀମିତ ନୁହେଁ, ବରଂ ବିଶ୍ୱର ଶିଳ୍ପ ଓ ପ୍ରଯୁକ୍ତି ମାନଚିତ୍ରରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛୁ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଆମ ରାଜ୍ୟର ଲମ୍ବା ସମୁଦ୍ରତଟ, ଉତ୍କୃଷ୍ଟ ଭୌଗୋଳିକ ସ୍ଥିତି, ଦକ୍ଷ ଯୁବଶକ୍ତି, ସ୍ଥିର ଶାସନ ବ୍ୟବସ୍ଥା ଏବଂ ଲୋକଙ୍କ ଅଦମ୍ୟ ସାହସ ଆମର ସବୁଠାରୁ ବଡ଼ ଶକ୍ତି। ଆମର ଏହି ଶକ୍ତିକୁ ନେଇ ଆମେ ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟରଖି ଆଗକୁ ବଢ଼ୁଛୁ। ୨୦୩୬ ସୁଦ୍ଧା ଆମର ଅର୍ଥନୀତି ୫୦୦ ବିଲିଅନ ଡଲାର ହେବ। ୨୦୪୭ ସୁଦ୍ଧା ଆମେ ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପହଞ୍ଚି ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବାର ଲକ୍ଷ୍ୟ ରଖିଛୁ। ସେହି ଲକ୍ଷ୍ୟ ନେଇ ଆମେ ଆଗକୁ ଚାଲିବା ଆରମ୍ଭ କରିଛୁ। କେବଳ ବଡ ବଡ ଇଣ୍ଡଷ୍ଟ୍ରୀ ନୁହଁ, କିମ୍ବା ବଡ ଅଂଟପ୍ରିନ୍ୟୁର ନୁହଁ, ଛୋଟ ଛୋଟ ଇଣ୍ଡଷ୍ଟ୍ରୀ ମଧ୍ୟ ଆଜି ଆମ ସରକାରରେ ସୁଯୋଗ ପାଉଛନ୍ତି।

# ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୩ ଜୟନ୍ତୀ

ଭୁବନେଶ୍ୱର, ୨୫।୪ (ମହାଭାରତ): ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଓ ପୁରୀ ପୌରନିଗମର ସହଯୋଗରେ ଗୋବର୍ଦ୍ଧନ ମଠ ଏବଂ ପୀଠ ପରିଷଦ ଅଧୀନ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ସଦସ୍ୟମାନଙ୍କ ଉପସ୍ଥିତିରେ ଭଗବତ୍ପାଦ ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଦିବସ ଦିବ୍ୟ ଓ ଭବ୍ୟ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଛି। ବୈଶାଖ ଶୁକ୍ଳ ପଂଚମୀ, ମଙ୍ଗଳବାର ଦିନ ଅପରାହ୍ଣ ପ୍ରାୟ ୩ଟା ସମୟରେ ଆଦିଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ସମୟରେ ଭକ୍ତମାନେ ଭକ୍ତିଭାବରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ଏବଂ ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଥିଲା।

ଏହି ଶୋଭାଯାତ୍ରା ଗୋବର୍ଦ୍ଧନ ମଠ ପରିସରରୁ ଆରମ୍ଭ ହୋଇ ବାଲିସାହି, ସିଂହଦ୍ୱାର, ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡୀ ସାହି, ମରଚିକୋଟ ଗଳି, ବଡଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡବାଡ ସାହି ଓ କାମାକ୍ଷ୍ୟା ମନ୍ଦିର ମାର୍ଗ ଦେଇ ପୁନର୍ବାର ଗୋବର୍ଦ୍ଧନ ମଠକୁ ଫେରିଥିଲା। ଘଂଟ, ମୃଦଙ୍ଗ ଓ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ଶୋଭାଯାତ୍ରାକୁ ଆଧ୍ୟାତ୍ମିକ ମହଲ ଦେଇଥିଲା। ଏହାରେ ଏକ ହଜାରରୁ ଅଧିକ ଭକ୍ତ ଓ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ନଗର ବୀଜେ ସମୟରେ ପ୍ରାୟ ୧୨୦ଟି ସ୍ଥାନରେ ଚଉଦୋଳ ବିଜେ ହୋଇ ଭକ୍ତମାନଙ୍କ ଘରେ ପଂଟି ଭୋଗ ଲାଗି ହୋଇଥିଲା।

ଏହି ଅବସରରେ ରାଜ୍ୟ ଶଙ୍କର ଜୟନ୍ତୀ ସମାରୋହ ସମିତିର ସଭାପତି ଗଣେଶ୍ୱର ମହାସୁଆର, ଆଦିତ୍ୟ ବାହିନୀର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଂଟିଆ, ବର୍ତ୍ତମାନ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ମହେଶ ବ୍ରହ୍ମଚାରୀ, ସୁଧାଂଶୁ ମହାନ୍ତି, ସମ୍ପାଦକ ଡ଼ଃ ପ୍ରକାଶ କୁମାର ଶତପଥୀ ଓ ସଂଯୋଜକ ବିଶ୍ୱଶାନ୍ତି ତ୍ରିପାଠୀ ଉପସ୍ଥିତ ଥିଲେ।

# ସୋଆ ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୨୫।୪ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍) ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହର୍ଟିକଲଚରାଲ ରିସର୍ଚ୍ଚ) ବେଙ୍ଗାଲୁରୁ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଉଭୟ ଅନୁଷ୍ଠାନ ମଧ୍ୟରେ ଜଳ ପରିଚାଳନା ନେଇ ଉଚ୍ଚତର ଗବେଷଣା ଓ ଶୈକ୍ଷିକ ଆଦାନ ପ୍ରଦାନ ନିମନ୍ତେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ଅନ୍ତର୍ଗତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। କୃଷି ମହାବିଦ୍ୟାଳୟର ଗବେଷଣା ଓ ପ୍ରସାର ପରିଷଦର ବୈଠକ ସମୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ସ୍ୱାକ୍ଷର ହେବା ସମୟରେ କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ, ଅଧାପକ ଏବଂ ଅଧାପିକା ଉପସ୍ଥିତ ଥିଲେ।

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ବୈଠକ

ଭୁବନେଶ୍ୱର, ୨୫।୪ (ମହାଭାରତ): ଓଡିଶାର ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଯୋଗାଣ କରୁଥିବା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ (ଡିସ୍କମ୍) ମାନଙ୍କର ୨୯ ତମ ବୋର୍ଡ ବୈଠକ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ପୃଥକ୍ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୨୨ ତାରିଖରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକଗୁଡ଼ିକରେ ବିଭିନ୍ନ ଡିସ୍କମ୍ ମାନଙ୍କ କାର୍ଯ୍ୟଦକ୍ଷତା,ପରିଚାଳନା ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ), ଟିପି ସଦର୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିଏସଓଡିଏଲ), ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିସିଓଡିଏଲ) ଏବଂ ଟିପି ୱେଷ୍ଟର୍ସ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିଡବ୍ଲୁଓଡିଏଲ) ମାନଙ୍କର ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ବୈଠକରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ । ସାରା ରାଜ୍ୟରେ ଦକ୍ଷ ଏବଂ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣରେ କ୍ଷୟକ୍ଷତି କମାଇବା, ଗ୍ରାହକମାନଙ୍କୁ ସେବା ପ୍ରଦାନ ଏବଂ ଭିତିଭୂମି ଉନ୍ନୟନ ପରି ପ୍ରମୁଖ ବିଷୟଗୁଡିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।




ବୈଠକରେ ରାଜ୍ୟରେ ପିଏମ୍ ସୂର୍ଯ୍ୟ ଘର : ମୁକ୍ତ ବିଜୁଳି ଯୋଜନା (ପିଏମ୍-ଏସଜି-ଏମବିୱାଇ) କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ଓଡିଶାରେ ଏହି ଯୋଜନା ନଭେମ୍ବର ୨୦୨୫ ରେ ଆରମ୍ଭ ହୋଇଥିବାବେଳେ, ୧ କିଲୋୱାଟ୍ ସଂଯୁକ୍ତ ଲୋଡ୍ ଥିବା ଘରୋଇ ଉପଭୋକ୍ତା କେବଳ ୧୧,୮୭୫ ଅନୁଦାନ ଅଂଶରେ ଅଧିକ ସବସିଡି ଥିବା ଏହି ସ୍କିମରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିବାକୁ ସମର୍ଥ ହେଉଛନ୍ତି । ଏହି ସୋଲାର ଶକ୍ତି ଯୋଜନାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଅନେକ ଘରୋଇ କିମ୍ବା ଛୋଟ ଉପଭୋକ୍ତାଙ୍କୁ ଏକସାଥ୍ ?ରେ ଯୋଡ଼ି ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରନ୍ତି, ଯଦ୍ୱାରା ଉପଭୋକ୍ତା ସହଜରେ, ତ୍ୱରିତ ବ୍ୟବସ୍ଥା ସହ କମ୍ ଖର୍ଚ୍ଚରେ ସୋଲାର ବିଦ୍ୟୁତ୍ ରୁ ଲାଭ ଉଠାଇବାର ସୁବିଧା ନେଇପାରିବେ ପିଏମ୍-ଏସଜି-ଏମବିୱାଇ ଅଧୀନରେ ଅଦ୍ୟାବଧି ରାଜ୍ୟରେ ୫୫,୮୮୮, ୟୁଏଲଏ ଯୋଜନା ଅଧୀନରେ ଅତିରିକ୍ତ ୨୯,୦୦୦ ଏହିପରି ସମୁଦାୟ ୮୪,୮୮୮ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପିତ ହୋଇସାରିଛି। ଓଡିଶାରେ ରୁଫଟପ୍ ସୋଲାର ଅଧୀନରେ ୩ ଲକ୍ଷ ପରିବାରକୁ ଆଣିବା ପାଇଁ ଏକ ଆକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନର ଅଗ୍ରଗତିରେ ନିରନ୍ତରତା ରହିଥିତବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ପର୍ଯ୍ୟାୟରେ ପ୍ରତିମାସରେ ୨୫,୦୦୦ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନ କରିବା ପାଇଁ କର୍ତୃପକ୍ଷ ଏବେ ପଦକ୍ଷେପ ନେଉଛନ୍ତି ।

ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର ଦୃଢ ପରିଚାଳନାତ୍ମକ କାର୍ଯ୍ୟଦକ୍ଷତାର ଫଳସ୍ୱରୂପ ସାମଗ୍ରିକ ବୈଷୟିକ ଏବଂ ବ୍ୟବସାୟିକ କ୍ଷୟକ୍ଷତି ୨୦୧୯-୨୦ ଆର୍ଥିକ ବର୍ଷର ୨୯.୫% ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୪.୬% କୁ ଗୁରୁତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି । ଟିପିଏନଓଡିଏଲ ଅଣ-ସହରାଂଚଳ ବିତରଣ ୟୁଟିଲିଟି ରାଙ୍କିରେ ୨ୟ ସ୍ଥାନ ଓ ଟିପିସିଓଡିଏଲ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ଗତ ପାଞ୍ଚ ବର୍ଷ ଧରି ସାଧାରଣ ଲୋକମାନଙ୍କ ବିଦ୍ୟୁତ ସେବା ଶୁଳ୍କରେ କୌଣସି ବୃଦ୍ଧି ହୋଇନାହିଁ।

# ଅଚ୍ୟୁତ ସାମନ୍ତଙ୍କୁ ଧରୱାର୍ଡ ପକ୍ଷରୁ ଡକ୍ଟରେଟ୍

ଭୁବନେଶ୍ୱର, ୨୫।୪ (ମହାଭାରତ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ



ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡର ୭୫ତମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୧ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍ ସି ସୁଧାକର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏସ୍ ଏସ୍ କିରଣ କୁମାର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ଖାନ୍, ଭିର୍ମସି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟ୍ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ହେଉଛି କର୍ଣ୍ଣାଟକର ୮୦ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପାଇଁ ରାଜ୍ୟପାଳଙ୍କୁ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ରାଜ୍ୟପାଳଙ୍କ ଅନୁମୋଦନ ପରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କେର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜଟଣୀ ବ୍ଲକରେ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୫।୪ (ମହାଭାରତ): ଜଟଣୀ ବ୍ଲକ ଅନ୍ତର୍ଗତ ଯାଆଁଳା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଂଚାୟତ ସ୍ତରୀୟ ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଖୋରଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଜଣାଶୁଣାଣିକୁ ଆସିଥିବା ଜନସାଧାରଣ ମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ଆଜି ମୋଟ ୩୬ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୨୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥିମଧ୍ୟରୁ ୩ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଏତଦବ୍ୟତୀତ ସମସ୍ତ ଅଭିଯୋଗ ଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀ ମାନେ ଗୁରୁତ୍ୱାରୋପ କରିଥିଲେ ।

ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଜଟଣୀ ବିଡିଓ, ତହସିଲଦାର, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୃଥିବୀ ଦିବସରେ ତୁଳସୀ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୪ (ମହାଭାରତ): ପୃଥିବୀ ଦିବସ ଅବସରରେ ରେନ୍‌ବୋ ଆସେଟ୍‌ସ୍ ପ୍ରାଇଭେଟ ଲିମିଟେଡ ପରିବେଶଗତ ସଚେତନତା, ଆଧ୍ୟାତ୍ମିକ କଲ୍ୟାଣ ଏବଂ ଏକ ଅଧିକ ସବୁଜ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଗୁରୁ କେଳୁଚରଣ ମହାପାତ୍ର ପାର୍କଠାରେ ମାଗଣାରେ ପବିତ୍ର ତୁଳସୀ ଗଛ ବର୍ଣ୍ଟନର ଏକ ଅର୍ଥପୂର୍ଣ୍ଣ ସିଏସ୍ଆର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଅଧିକ ଜନସାଧାରଣ ସମବେତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ଏବଂ ବିବିଧ ପୃଷ୍ଠଭୂମିରୁ ଲୋକମାନେ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପବିତ୍ର ତୁଳସୀ ଗଛ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ପକ୍ଷରୁ ଏହାକୁ ନେଇ ବ୍ୟାପକ ଉତ୍ସାହ ପ୍ରକାଶ ପାଇଥିଲା ଏବଂ ପରିଦର୍ଶକମାନେ ଏହି ପ୍ରୟାସ ପାଇଁ ସେମାନଙ୍କର ଆନନ୍ଦ ଓ ପ୍ରଶଂସା ପ୍ରକଟ କରିଥିଲେ। ତୁଳସୀ ଗଛ ଗ୍ରହଣ କରିବା ସମୟରେ ଅନେକ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବା ସହିତ ଆଶୀର୍ବାଦ



ପ୍ରଦାନ କରିଥିଲେ ଏବଂ ସବୁଜିମା ତଥା ଦୈନନ୍ଦିନ ଜୀବନରେ ସକାରାତ୍ମକ ଭାବନାକୁ ପ୍ରୋତ୍ସାହିତ କରିବା ନେଇ ପ୍ରଶଂସା କରିଥିଲେ। ଖ୍ୟାତିସମ୍ପନ୍ନ ସଂଗଠନଗୁଡିକରୁ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ମଧ୍ୟରେ ୟଙ୍ଗ ଇଣ୍ଡିଆନ୍‌ସ୍ (ସିଆଇଆଇ)ରୁ ଶ୍ରୀ ଗୌରବ ଗୋଏଲ ଏବଂ ଶ୍ରୀମତୀ ପ୍ରୋଶିଷ ଗୋଲିଆନ୍ ଏବଂ ସେମାନଙ୍କ ସହିତ ବିଏନ୍ଆଇ ଭୁବନେଶ୍ୱରରୁ ଶ୍ରୀ ସୌମିକ ସାମଲ, ଶ୍ରୀ ଶିବାଶିଷ ଦାସମହାପାତ୍ର, ଶ୍ରୀ ମୟଙ୍କ ଜୈନ, ଶ୍ରୀମତୀ ପ୍ରୀତି ପ୍ରକାଶ, ଶ୍ରୀ ଅମିତ ପରିଚ୍ଛା, ଶ୍ରୀମତୀ ନିକି ଜେନା ଏବଂ ଅଭିନବ ଚୌଧୁରୀ ପ୍ରମୁଖ ରହିଥିଲେ।

# ସୋଆ କମ୍ୟୁନିଟି ରେଡିଓ ବୁଲି ଦେଖିଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ

ଭୁବନେଶ୍ୱର,୨୫।୪ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ



୯୦.୪କୁ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବୁଲି ଦେଖିଛନ୍ତି। ଗଣମାଧ୍ୟମ ଓ ତତ୍‌ସମ୍ପର୍କିତ କାର୍ଯ୍ୟଧାରା ସମ୍ପର୍କରେ ଓ ରେଡ଼ିଓ ସହ ଜଡ଼ିତ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସୋଆ ରେଡ଼ିଓ ବୁଲି ଦେଖିଛନ୍ତି ଛାତ୍ରୀମାନେ। ସୋଆ ରେଡ଼ିଓରେ ପହଂଚି ଛାତ୍ରୀମାନେ ରେଡ଼ିଓର କାର୍ଯ୍ୟଧାରା ସହ ବୈଷୟିକ ଦିଗଗୁଡ଼ିକ ଉପରେ ଅଧିକ ତଥ୍ୟ ଗ୍ରହଣ କରିଥିଲେ। କୃତ୍ରିମ ବୁଦ୍ଧିମତା ଏବଂ ରେଡ଼ିଓ ମଧ୍ୟରେ କିପରି ଭାବେ ସମ୍ପର୍କ ସୁଦୃଢ଼ ହୋଇପାରିବ ସେ ବିଷୟରେ ବୁଝିଥିଲେ। ରେଡ଼ିଓର ଭବିଷ୍ୟତ କାର୍ଯ୍ୟକଳାପ ସହିତ ପ୍ରଯୁକ୍ତି ବିଦ୍ୟାକୁ ଏଥିରେ କିଭଳି ଯୋଡ଼ି ହେବ ସେ ନେଇ ଛାତ୍ରୀମାନେ ଅଧିକ ଜ୍ଞାନ ଆହରଣ କରିଥିଲେ ବୋଲି ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ର ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀମତି ହନୀ ପଟ୍ଟନାୟକ କହିଛନ୍ତି।

# ଏନସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା 'ଜଳ ଛାତ୍ର'

ଭୁବନେଶ୍ୱର,୨୫।୪ (ମହାଭାରତ): ଜଳ ପଖ୍ୱାଡା ଅବସରରେ ପିଏମ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଭୁବନେଶ୍ୱରରେ ଏନସିସି ଆର୍ମି ୱିଙ୍ଗର କ୍ୟାଡେଟ୍‌ମାନଙ୍କ ଦ୍ୱାରା ଏକ 'ଜଳ ଛାତ୍ର' (ପାଣି ବଂଟନ ଶିବିର) ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ତିବ୍ର ଗ୍ରୀଷ୍ମ ତାପର ମାନବ ଶରୀର ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଜଣାଇବା।

ଏହି କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ୍‌ମାନଙ୍କ ଉତ୍ସାହଭରା ଭାଗିଦାରୀ ଦେଖିବାକୁ ମିଳିଥିଲା। ଆବଶ୍ୟକ ସାମଗ୍ରୀ ସଂଗ୍ରହରୁ ଆରମ୍ଭ କରି ଶୀତଳ ।ନୀୟ ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେମାନେ ନିଜେ ନିଜେ ସଂନ୍ନ କରିଥିଲେ। ଏହା ମାଧ୍ୟମରେ ସେମାନଙ୍କର ଦଳୀୟ କାର୍ଯ୍ୟଦକ୍ଷତା, ଶିଷ୍ଟାଚାର ଓ ସମାଜ ସେବା ପ୍ରତି ନିଷ୍ଠା ପ୍ରକାଶ ପାଇଥିଲା।

ପାନୀୟ ପ୍ରସ୍ତୁତି ପରେ କ୍ୟାଡେଟ୍‌ମାନେ ବିଦ୍ୟାଳୟର ମୁଖ୍ୟ ପ୍ରବେଶଦ୍ୱାର ସମୀପରେ ସ୍ଥିତି ଗ୍ରହଣ କରି ସାଧାରଣ ଲୋକମାନଙ୍କୁ ଏହା ବଂଟନ କରିଥିଲେ। ତିବ୍ର ଗ୍ରୀଷ୍ମ ତାପରେ ଏହି ପଦକ୍ଷେପକୁ ସାଧାରଣ ଲୋକମାନେ ବହୁତ ପ୍ରଶଂସା କରିଥିଲେ।

ବିଦ୍ୟାଳୟର ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ, ଏବଂ ଅଭିଭାବକମାନେ ମଧ୍ୟ ବ୍ୟବସ୍ଥାପନାରେ ସହଯୋଗ କରିଥିଲେ। ସମସ୍ତଙ୍କ ଏକତ୍ର ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀ ଆଦିତ୍ୟ କୁମାର ପାଣ୍ଡା କ୍ୟାଡେଟ୍‌ମାନଙ୍କ ପ୍ରୟାସକୁ ପ୍ରଶଂସା କରି ସମାଜ ସେବା କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ବେଦନଶୀଳତା, ଦାୟିତ୍ୱବୋଧ ଓ ନାଗରିକତାର ମୂଲ୍ୟବୋଧକୁ ଉନ୍ନତ କରେ।

କ୍ୟାଡେଟ୍‌ମାନେ ଏହି କାର୍ଯ୍ୟରୁ ଆତ୍ମସନ୍ତୋଷ ଅନୁଭବ କରିଥିବା ବ୍ୟକ୍ତ କରିଥିଲେ ଏବଂ ସେମାନେ ବୁଝିପାରିଥିଲେ ଯେ, ଅନ୍ୟମାନଙ୍କୁ ସହାୟତା କରିବା ଓ ସମାଜକୁ ସେବା କରିବାର ଆନନ୍ଦ ନିଜସ୍ୱ ଲାଭ ଠାରୁ ଅଧିକ।

ଏହି ଦକ୍ଷେ ଏନସିସି କ୍ୟାଡେଟ୍‌ମାନଙ୍କ ସେବାଭାବକୁ ପ୍ରକାଶ କରିବା ସହିତ ଏନସିସି ର ମୂଳ ଲକ୍ଷ୍ୟ—ସମାଜ ଉନ୍ନତି, ଶିଷ୍ଟାଚାର ଓ ନେତୃତ୍ୱ ଗୁଣର ବିକାଶ—କୁ ମଧ୍ୟ ସୁଦୃଢ଼ କରିଛି। ଏନସିସି ଦ୍ୱାରା ଦିଆଯାଉଥିବା ଡ୍ରିଲ୍, ମାର୍ଚ୍ଚିଂ, ଅସ୍ତ୍ର ପ୍ରଶିକ୍ଷଣ, ଫାୟାରିଂ ଓ ନେତୃତ୍ୱ ଗୁଣ ଭବିଷ୍ୟତରେ ଦେଶ ନେତୃତ୍ୱ ପାଇଁ ସାହାଯ୍ୟ କରିବ। ଏପରି ଦକ୍ଷେ ଆଗାମୀ ଦିନରେ ଅଧିକ କ୍ୟାଡେଟ୍‌ମାନଙ୍କୁ ସମାଜ ସେବାରେ ଭାଗ ନେବାକୁ ପ୍ରେରିତ କରିବ ବୋଲି ଆଶା କରାଯାଉଛି। କ୍ୟାଡେଟ୍‌ମାନେ ଏହି କାର୍ଯ୍ୟକ୍ରମକୁ ଏପରି ଭାବରେ ପାଳନ କରିଥିଲେ ଯେ, ଏନସିସି ର ମୂଳ ମନ୍ତ୍ର "ଏକତା ଓ ଶିଷ୍ଟାଚାର" କୁ ସତ୍ୟ ସାବିତ କରିଥିଲା।

# ସ୍କାଉଟସ୍ ଏବଂ ଗାଇଡସମାନଙ୍କୁ ଆପଦ ମିତ୍ର ତାଲିମ



ଭୁବନେଶ୍ୱର, ୨୫।୪ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାର ରୋଭର ଓ ରେଞ୍ଜରମାନଙ୍କୁ ନେଇ ଏକ ଯୁବା ଆପଦ ମିତ୍ର ତାଲିମ ଶିବିର ତା ୧୯.୦୪.୨୦୨୬ ରିଖ ଠାରୁ ୨୫.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଜଣ ରୋଭର ଓ ରେଞ୍ଜର ଏହି ତାଲିମ ଶିବିରରେ ଯୋଗଦେଇଛନ୍ତି। ଏହି ଶିବିରକୁ ଓସଡମାର ଜେନେରାଲ ମ୍ୟାନେଜର ଶ୍ରୀ ସୁନିଲ୍ କୁମାର ସାହୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ଶ୍ରୀ ବାଇଧର ପ୍ରଧାନ ଓ ଶ୍ରୀ ଗଣେଶ ବାରିକଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ଉପଦେଷ୍ଟା ମାନେ ଆସି ଶିକ୍ଷାଦାନ କରୁଛନ୍ତି ।

# ପ୍ରତିଷ୍ଠିତ ମଣ୍ଡିରେ ଜାଲିଆତି

ବାହାର ରାଜ୍ୟର ବ୍ୟବସାୟୀ ଆସି ଓଡ଼ିଶା ଭିତରେ ପ୍ରତିଷ୍ଠିତ ମଣ୍ଡିରେ ଜାଲିଆତି କରି ଧାନ ବିକୁଛନ୍ତି। ପ୍ରଶାସନ ସବୁ ଜାଣି ମଧ୍ୟ ନିରବରେ ବସିଛି। ବେପାରୀମାନେ ହାତ ଗୁଞ୍ଜା ଦେଇ କାମ ଆଦାୟ କରୁଛନ୍ତି। ଚାଷୀ ବିଚରା ବଳି ପଡୁଛି। ପ୍ରକୃତ ଚାଷୀ ଧାନ ଗଦା କରି ଅପେକ୍ଷା କରୁଛି କେବେତେବେଳେ ଧାନ ବିକ୍ରୀ ହେବ। କିନ୍ତୁ ବର୍ଷାରେ ଧାନ ଓଦା ହୋଇ ନଷ୍ଟ ହେଉଛି ସିନା ବିକ୍ରୀ ହୋଇପାରୁନି। ଏହାକୁ କହନ୍ତି ଅନ୍ୟାୟ। ଏହା ଚାଷୀଙ୍କ ତ□ ଚିପିବା ସହ ସମାନ। ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। ମୁଦ୍ରାସ୍ଫୀତି ଅନେକାଂଶରେ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଯେତେବେଳେ ଉଭୟ ଖରିଫ ଏବଂ ରବି ଫସଲ ଉତ୍ପାଦନ ଅଧିକ ହୁଏ ସେତେବେଳେ ଅଭିବୃଦ୍ଧି ହାର ବୃଦ୍ଧି ପାଏ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହେ। କୃଷି ହେଉଛି ଭାରତର ଶକ୍ତି। ସ୍ୱାଧୀନତା ପରେ ଭାରତରେ ଖାଦ୍ୟ ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନେକ ଖାଦ୍ୟରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। କିନ୍ତୁ ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ତାହା ବି ଯଥେଷ୍ଟ ହେଉନି। ଡାଲି, ଖାଇବା ତେଲ ଭଳି ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। କିନ୍ତୁ ଭାରତରେ ଯେତେ ଜମି ପଡ଼ିଆ ପଡୁଛି ତହାର ଯଦି ସଦୁପଯୋଗ ହୋଇପାରନ୍ତା ଏବଂ ଉପଯୁକ୍ତ ପରିମାଣର ସାର ଓ କୀଟନାଶକ ବ୍ୟବହାର ହୁଅନ୍ତା ତେବେ ଖାଦ୍ୟ ଉତ୍ପାଦନ ତିନିଗୁଣ ହୋଇପାରନ୍ତା। ବଳକା ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତା। ଏବେ ବି ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଏହାର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର କୃଷକଙ୍କୁ ମିଳିବା ଉଚିତ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହ□ମ ଅର୍ଥନୀତିରେ ପରିଣତ ହୋଇଛି, ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ଶିଳ୍ପ ସବୁ କ୍ଷେତ୍ରରେ ଅଗ୍ରଗତି ହାସଲକରିଛି। ଏହାର ପଛରେ କୃଷି ବିକାଶ ରହିଛି। ଯେତେବେଳେ ଆମ ପଡ଼ୋଶୀ ପାକିସ୍ତାନରେ ଖାଦ୍ୟାଭାବରୁ ହାହାକାର ପଡ଼ିଛି,ସେତେବେଳେ ଭାରତ ବିଦେଶକୁ ଖାଦ୍ୟ ରପ୍ତାନୀ କରୁଛି। ବିଶ୍ୱ ଅର୍ଥନୀତିରେ ସଙ୍କଟ ବେଳେ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଛି। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭି□କ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି। ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି।

# ଶିବ ଧର୍ମ

॥ ଡଃ.ଅରୁନ୍ଧତୀ ଦେବୀ ॥

“ ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ ।

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ।

ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ - ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧିଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ । କେବଳ ଅନଶନ କରିବାକୁ ଉପବାସ କୁହାଯାଏନା । ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରୀ, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ ।



ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ - ''ଶୁନ୍ୟ ଶୁନ୍ୟ ମହାଶୁନ୍ୟ ଶୁନ୍ୟ ମଧ ନିରାମୟ, ନିରାମୟ ମଧେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ'' ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ''ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ''।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ ରଖିବ।

ଅଧକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିଙ୍କୁ ଡାକିଲେ। 'ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅନ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ଅବୈଧ ଖଣିଜ ପଦାର୍ଥ ଉତ୍ତୋଳନ ରୋକିବା ପାଇଁ ଅଚାନକ ଚଢ଼ାଉ




ରାୟଗଡ, (ମହାଭାରତ) : ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ଆଜି କୋଲନାରା ତହସିଲ ଅଞ୍ଚଳରେ ଚାଲିଥିବା ବିଭିନ୍ନ କ୍ରଶର ୟୁନିଟ୍ ଦ୍ୱାରା ଅବୈଧ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ସମ୍ପର୍କରେ ଖବର ପାଇ ଏହିଆକୁ ରୋକିବା ପାଇଁ ଏକ ଯୁଗ୍ମ ତଦାରଖ (ଜୋଇଣ୍ଟ ଇନଫୋର୍ସମେଣ୍ଟ)କମିଟି ଦ୍ୱାରା ଅଚାନକ ଚଢ଼ାଉ ଅଭିଯାନ ଚାଲିଥିଲା। ଏହି ଚଢ଼ାଉ ଅଭିଯାନକୁ ଉପ ଜିଲ୍ଲାପାଳ, କୋଲନାରାର ଅତିରିକ୍ତ ତହସିଲଦାର, ଭବାନୀ ମିଶ୍ର, ରେଭେନ୍ୟୁ ଇନ୍ସପେକ୍ଟର ସସ୍ମିତା ମିଶ୍ର,ଅସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର ପ୍ରସନଜିତ ରାଉତ ଏବଂ ଖଣି ଅଧିକାରୀ ରାୟଗଡ଼, ଏହି ତଦାରଖରେ ସାମିଲ ଥିଲେ। ଦଳ ପକ୍ଷରୁ ବିଭିନ୍ନ କ୍ରଶର ୟୁନିଟ୍ ଉପରେ ଯାଞ୍ଚ କରାଯାଇ ଅବୈଧ କାର୍ଯ୍ୟକଳାପ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଜିଆ ଗାତ ନାରେ ଚାଷୀଙ୍କୁ ଦିଆ ଯାଇଛି ପଞ୍ଚ ହଜାର ଟଙ୍କା କିନ୍ତୁ କାମରେ ଲାଗୁନି




ଗଜପତି, (ମହାଭାରତ) : ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷ ରୁ ଜିଆ ଗାତ ସକାଶେ ପଞ୍ଚ ହଜାର ଟଙ୍କା ଚାଷୀ ଙ୍କୁ ଦିଆଯାଇଛି କିନ୍ତୁ ବାସ୍ତବ କ୍ଷେତ୍ରରେ ଜିଆ ଖାତ କରାଯାଇଛି କିନ୍ତୁ ତାହା ଫଳ ପ୍ରଦ ହୋଇ ପାରୁ ନାହିଁ। ଘର୍ ସିଦିତଲେ ଏହି ଭଳି ବିଭିନ୍ନ ଜାଗାରେ କରାଯାଇଛି । ଖର୍ଷଣ୍ଡ। ଠାରେ ଗୋସାଣୀ ବ୍ଲକରେ ଥରେ ବିଭାଗ ଉପ ର ସ୍ତ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ କିମ୍ବା ଦୁର୍ନୀତି ନିବାରଣ ଅନୁସନ୍ଧାନ କରିବା କଥା ବିଭାଗ ପକ୍ଷ ରୁ ଏତେ ଦୁର୍ନୀତି ଚରମ ସୀମାରେ ପହଞ୍ଚି ଛି ବିଭିନ୍ନ ଯୋଜନାରେ ଥରେ ଯଦି ଦୁର୍ନୀତି ନିବାରଣ ଅନୁସନ୍ଧାନ କରିଲେ ଦୁର୍ନୀତିର ପରଦା ଫାର୍ସ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି।

## ନାଟିକା ପୋଖରୀରେ ବୁଡ଼ି ଜଣେ ମୃତ

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୧୫ନମ୍ବର ୱାର୍ଡ କୃଷ୍ଣ ଶରଣ ପାଟଣାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି।ଶନିବାର ଦିନ ଲୋକନାଥ ସାହୁ (୬୩) ଘର ନିକଟସ୍ଥ ନାଟିକା ପୋଖରୀ କୁ ଗାଧୋଇ ଯାଇଥିଲେ। ହେଲେ ଆଉ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ ସେହି ପୋଖରୀ ରେ ଲୋକନାଥ ଙ୍କ ମୃତ ଦେହ ଭାସୁ ଥିବାର ଲୋକମାନେ ଦେଖି ଦଶପଲ୍ଲା ପୋଲିସ ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଲୋକନାଥ ଙ୍କୁ ଉଦ୍ଧର କରିଥିଲେ। ଏଥିସହିତ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବବ୍ୟବଛେଦ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲେ ।

## ଇଣ୍ଡିଆ ବୁକ୍ସ ଅଫ ରେକର୍ଡ ରେ କ୍ରିୟାଂଶ ପାତ୍ର




କୃଷ୍ଣପ୍ରସାଦ, (ମହାଭାରତ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡ଼ର କ୍ରିୟାଂଶ ପାତ୍ର (୨ବର୍ଷ )ଇଣ୍ଡିଆ ବୁକ୍ସ ଅଫ ରେକର୍ଡ ରେ ସ୍ଥାନ ପାଇଛନ୍ତି। କ୍ରିୟାଂଶ ପାତ୍ର ଙ୍କ ସଫଳତାରେ ପିତା -ସୌମ୍ୟଜିତ ପାତ୍ର, ମାତା,- ପୂଜା ନାୟକ ଜଗନାଥ ଙ୍କ କରୁଣା ରୁ ହୋଇଥିବା କହିଛନ୍ତି। ମାତା ପୂଜା କୁହନ୍ତି ସେ କ୍ରିୟାଂଶ କୁ ପ୍ରତିଦିନ ୧୫ ରୁ ୨୦ ମିନିଟ ବସି ଅଭ୍ୟାସ କରିଥାନ୍ତି। କ୍ରିୟାଂଶ ର ମନେ ରଖିବା ଶକ୍ତି ରହିଥିବା ପିଲାଟି ଦିନରୁ ଜାଣି ପାରୁଥିବା କୁହନ୍ତି ପୂଜା। କ୍ରିୟାଂଶ ଆଇ ବି ଆର ଆଚିଭର ପ୍ରତିଯୋଗିତା ରେ ରେ ୧୮ଟି ଫଳ, ୨୦ ପଶୁ, ୧୨ ପକ୍ଷୀ, ୧୨ ଶରୀର ଅଙ୍ଗ, ୧୫ ଯାନବାହାନ, ୧୧ ଟି ରଙ୍ଗ, ୧୦ ତୋ ଆକୃତି, ୧୨ ଟି ପାରିବାରିକ ସମ୍ପର୍କ କହି ରେକର୍ଡ କରିଛନ୍ତି। ତାଙ୍କ ସଫଳତା ପଛରେ ମାଆ ଙ୍କ ପ୍ରଚେଷ୍ଟା ଥିବା ଜଣାଯାଇଛି। ଏଥିରେ ପରିବାର ବର୍ଗ, ବହୁତ ଖୁସି ଥିବା ଜଣାଯାଇଛି। କ୍ରିୟାଂଶ ଙ୍କ ସଫଳତା ଖବର ପ୍ରସାରିତ ହେବା ପରେ କୃଷ୍ଣପ୍ରସାଦ ବ୍ଲକ ର ବିଭିନ୍ନ ଗ୍ରାମରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି ।

# ହିନ୍ଦୋଳରେ ପ୍ରହସନ ପାଲଟିଲା ପଂଚାୟତରାଜ ଦିବସ

ହିନ୍ଦୋଳ, (ମହାଭାରତ) : ସାରା ଓଡିଶାରେ ସରକାର ଜାତୀୟ ପଂଚାୟତରାଜ ଦିବସ ପାଳୁଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଏହା ହାସ୍ୟାସ୍ପଦ ହୋଇଛି। ଖବରରୁ ପ୍ରକାଶ ଆଜି ହିନ୍ଦୋଳ ଏନଏସି ଟାଉନହଲ ଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଜାତୀୟ ପଂଚାୟତରାଜ ଦିବସରେ ଅଧିକାଂଶ ପଂଚାୟତ ସ୍ତରୀୟ ପ୍ରତିନିଧି ନଥିବାବେଳେ ନିଜକୁ ସୁହାଇବାଭଳି ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜନ ହୋଇଥିଲା।ହିନ୍ଦୋଳ ବିଧାୟିକା ସାମାରାଣୀ ନାୟକ,ଉପଜିଲ୍ଲାପାଳ ପ୍ରଭାସ ବେଉରା , ବିଡ଼ିଓ ପ୍ରମୁଖ ପ୍ରଶାସନିକ ଅଧିକାରୀ, ହାତଗଣତି ପଂଚାୟତ ପ୍ରତିନିଧିଙ୍କ ଯୋଗଦାନ ରେ




ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ। ତେବେ ସଦାସର୍ବଦା ଅବ୍ୟବସ୍ଥା ଦୁର୍ନୀତି ପାଇଁ ଖ୍ୟାତିଅର୍ଜନ କରିଥିବା ହିନ୍ଦୋଳ ବ୍ଲକପ୍ରଶାସନ ବହୁ ମହିଳାମାନଙ୍କୁ ଡାକିଥିଲେ ହେଁ ବସିବାପାଇଁ ଚୌକି ,ଖାଦ୍ୟପାନୀୟର ଅବ୍ୟବସ୍ଥା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପାଇଁ ଉପସ୍ଥିତ ଜନସାଧାରଣ ହୋହାଲ୍ଲା କରିବାସହ ସଭାସ୍ଥଳ ଛାଡି ଯାଉଥିବାର ଦୃଶ୍ୟ ସୂଚାଇ ଦେଉଥିଲା କି ବ୍ଲକ ପ୍ରଶାସନର ଅପାରଗତା ଯାହାକି ଦିନରେ ଭୋଟରଙ୍କୁ ଲାଣ୍ଠିନ ଦେଖାଇବା ଭଳି।ସବୁ ବିଭାଗରେ ହିନ୍ଦୋଳ ବ୍ଲକରେ ଦୁର୍ନୀତି ଚରମସୀମାରେ ଥିବାବେଳେ ସେସବୁକୁ ଘୋଡ଼େଇବାକୁ ଯାଇ ଏହିପରି ବିଫଳ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କ ନଜର ହଟାଇବାକୁ ଅପଚେଷ୍ଟା ହିନ୍ଦୋଳବାସି ବୁଝିପାରି ତୀବ୍ର ସମାଲୋଚନା କରିଛନ୍ତି। ତେବେ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେବାସହ ଏସବୁର ସମୀକ୍ଷା କରିବାକୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବାସି ଅନୁରୋଧ କରିଛନ୍ତି।

## ବାଲିପାଟଣା ରେ ବଢ଼ି ଚାଲିଛି ମନ୍ଦିର ରୁ ଚୋରି

ବାଲିପାଟଣା, (ମହାଭାରତ): ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବିଶ୍ୱନାଥପୁର ସ୍ଥିତ ମା 'ଦକ୍ଷିଣେଶ୍ୱରୀଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ମନ୍ଦିର ଫାଟକ ଭାଙ୍ଗି କେହି ଦୁର୍ବୃତ୍ତ ମା'ଙ୍କ ବିଗ୍ରହରୁ ସୁନାର ଟିତା ଏବଂ ରୁପା ଆଖି ଲୁଟି ନେଇଛନ୍ତି। ଆଜି ସକାଳେ ପୂଜକ ପୂଜା କରିବାକୁ ଆସିବା ସମୟରେ ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯାଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ମନ୍ଦିର ଖୋଲିବା ପରେ ମା'ଙ୍କ ବିଗ୍ରହରେ ସୁନା ଟିତା ଓ ରୁପା ଆଖି ନ ଥିବା ଦେଖିଥିଲେ।ଆରାଧ୍ୟ ଠାକୁରାଣୀ'ଙ୍କ ମନ୍ଦିରରୁ ଚୋରି ଘଟଣା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ଏ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ମାଘ ସ୍ନାନ ନୀତିକାନ୍ତି ପରେ ମା'ଙ୍କ ଦୈନନ୍ଦିନ ପୂଜା ଅର୍ଚ୍ଚନା କରାଯାଇଥିବା ପୂଜକ ଲକ୍ଷ୍ମଣ କୁମାର ପଣ୍ଡା କହିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି। କହିବାକୁ ଗଲେ ବାଲିପାଟଣା ଥାନା ଅଞ୍ଚଳ ରେ ଚୋରି,,ରାହାଜାନୀ ବଢ଼ି ଚାଲିଥିବା ବେଳେ ପୋଲିସ ର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି !!

## ବେଆଇନ୍ ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ଏସଟିଏଫ୍ ଟିମ୍

ହିନ୍ଦୋଳ, (ମହାଭାରତ) : ବେଆଇନ୍ ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ଏସଟିଏଫ୍ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଟିମ୍। ଦୁଇ ଜଣ ଇନ୍ସପେକ୍ଟରଙ୍କ ସମେତ ମୋଟ୍ ସାତ ଜଣ ଏହି ଚଢାଉରେ ସାମିଲ ହୋଇଥିଲେ। ହିନ୍ଦୋଳ ଅଞ୍ଚଳର ଦୁଇ ଜଣ ସରକାରୀ କର୍ମଚାରୀଙ୍କୁ ସାକ୍ଷୀ ରଖି ଏହି ଚଢ଼ାଉ କରିଥିଲେ। ସନ୍ଧ୍ୟା ସାତଟା ସମୟରେ ଆମ୍ବିଠି ବନଦୁର୍ଗା ମନ୍ଦିର ରାସ୍ତାରେ ଗଞ୍ଜେଇ ଅନଲୋଡ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟିମ୍ ଚଢାଉ କରିଥିଲେ। ଦୁଇ ଜଣ ଘଟଣା ସ୍ଥଳରୁ ଫେରାର ଥିବା ବେଳେ ଟିମ୍ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଅଟକ ବ୍ୟକ୍ତିଙ୍କ ନାମ




ଲିପୁ ନାଏକ (୨୫) ଘର ଚେପିଟିଗାଡ଼ିଆ ବୋଲି ସୂଚନା ମିଳିଛି। ମହିନ୍ଦ୍ରା ଏକ୍ସୟୁଭି ୫୦୦ (ଓଡ଼ି ୦୫ ଏନ୍ ୭୭୫୭) ଗାଡ଼ିରେ ଫୁଲବାଣୀରୁ ଦେଢ଼ କୁଇଣ୍ଟାଲ୍ ଗଞ୍ଜେଇ ନେଇ ହିନ୍ଦୋଳ ଥାନା କଂସରା ଗ୍ରାମ ପଞ୍ଚାୟତ ଆମ୍ବିଠି ବନଦୁର୍ଗା ମନ୍ଦିର ରାସ୍ତାରେ ବେପାରୀଙ୍କୁ ଗଞ୍ଜେଇ ଦେବା ପାଇଁ ଉକ୍ତ ଗାଡି ପହଞ୍ଚି ଥିବା ବେଳେ ଏସଟିଏଫ୍ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଟିମ୍ ପହଞ୍ଚି ଚଢାଉ କରିଥିଲେ।

## ଗ୍ରୀଷ୍ମପ୍ରବାହ ଯୋଗୁଁ ପାରଳା ସହରରେ ତାପମାତ୍ରା ବୃଦ୍ଧି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଗ୍ରୀଷ୍ମପ୍ରବାହ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସଖାଳ ୧୦ ଟା ପରେ ତାପମାତ୍ରା ବୃଦ୍ଧି ପାଇ ୪୦ ସେଣ୍ଟିଗ୍ରେଡ



ପର୍ଯ୍ୟନ୍ତ ରହୁଛି।ଗ୍ରୀଷ୍ମପ୍ରବାହ ଯୋଗୁଁ ବାରମ୍ବାର ବିଦ୍ୟୁତ କାଟ୍ ସାଙ୍ଗକୁ ଗୁଳୁଗୁଳି ଲୋକେ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ସହରରେ ତାପମାତ୍ରା ବୃଦ୍ଧି ଯୋଗୁଁ ପୌର ପରିଷଦ ପକ୍ଷରୁ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲା ଯାଇଛି। ମହେନ୍ଦ୍ର ତନୟାର ଜଳ ସ୍ତର କମୁ ଛି । ଗ୍ରୀଷ୍ମପ୍ରବାହ ଯୋଗୁଁ ଭୂତଳ ଜଳସ୍ତର କମିବାରେ ଲାଗିଛି।ଯାହାଫଳରେ କୂଅ,ନଦୀ, ବନ୍ଧ ଶୁଖିବାରେ ଲାଗିଛି।

## ପାରାଦୀପରେ ଜେଏସଡବ୍ଲୁର ବିକାଶ ଧାରା ଜାରି : କଂଗ୍ରେସର ପଦଯାତ୍ରା ଉପରେ ପ୍ରଶାସନର ନିଷେଧାଦେଶ ଜାରି

ପାରାଦୀପ, (ମହାଭାରତ) : ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ପାରାଦୀପ ନିକଟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି । କଂଗ୍ରେସ ପକ୍ଷରୁ ହେବାକୁ ଥିବା ପଦଯାତ୍ରା କୁ ପ୍ରଶାସନ ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏ ନେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି,ମାନବ ଜୀବନ ହାନି ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ଅଞ୍ଚଳରେ ସୁରକ୍ଷା ସମସ୍ୟା ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ପଦଯାତ୍ରା ହେଲେ ଗୁରୁତର ଟ୍ରାଫିକ ଆଶଙ୍କା ରହିଛି ଯାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିବ । ପଦଯାତ୍ରା ପାଇଁ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଏବଂ ସାର୍ବଜନୀନ ଶାନ୍ତି ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବାରୁ ଏହାକୁ ଦୃଷ୍ଟି ରେ ରଖି ପ୍ରଶାସନ ପକ୍ଷରୁ ପଦଯାତ୍ରା କୁ ଅନୁମତି ମିଳିଲା ନାହିଁ। ପ୍ରକାଶ ଥାଉ କି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ୩ ଟି ପଞ୍ଚାୟତ ଢିଙ୍କିଆ,ଗଡକୁଜଙ୍ଗ ଓ ନୂଆଗାଁ ଆଦି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ରେ ପାନୀୟ ଜଳ ସମସ୍ୟା ଦୂର କରାଯାଇଛି । ଏହି ଉପଲକ୍ଷେ ୩ ଟି ପଞ୍ଚାୟତ ରେ ୭ ଏକର ପୋଖରୀ ପୁନଃ ଉଦ୍ଧାର କରାଯାଇଛି। ୨୩ ଟି ବୋରୱେଲ୍ ଖନନ କରାଯାଇଛି। ବିଦ୍ୟାଳୟ ଗୁଡିକରେ ଜଳ କଷ୍ଟ ଦୂର ପାଇଁ ୮୦ ଲିଟର ର ୮୧ ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହାଳ ଗ୍ରାମରେ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନୱାଡ଼ି ପିଲା ଓ କର୍ମୀଙ୍କ ପାଇଁ ପାନୀୟ ଜଳ ଯୋଗାଣ କୁ ସୁଦୃଢ଼ କରିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକ ରେ ୧୧ ଟି ବୋରୱେଲ ସ୍ଥାପନ କରାଯାଇଛି। ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରହି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ବିଭିନ୍ନ ସଭା ଗୃହ ରେ ୪ ଟି ବୋରୱେଲ୍ ଯଥା ନୂଆଗାଁ ରେ ୨ ଟି, ଗୋବିନ୍ଦପୁର ରେ ଗୋଟିଏ ଓ ପାଟଣା ରେ ଗୋଟିଏ ଅନ୍ତର୍ଭୁକ୍ତ। ସାମୂହିକ ଭିତ୍ତିଭୂମିକୁ ସମର୍ଥନ କରି ଗୋବିନ୍ଦପୁର, ନୂଆଗାଁ, ଢିଙ୍କିଆ ଓ ମାହାଳ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ ଟି ବୋରୱେଲ୍ ର ବିକାଶ କରାଯାଇଛି। ଏହା ସହ କୃଷି ଓ କୃଷକ, ମହିଳା ଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଜେଏସଡବ୍ଲୁ ପ୍ରତିଶ୍ରୁତି ବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ପାରାଦୀପ ଅଭୟଚନ୍ଦ୍ରପୁର ଥାନା ଭ୍ରମରବର ଦାସ ଗିରଫ

ପରାଦୀପ, (ମହାଭାରତ) : ଅଭୟଚନ୍ଦପୁର ପୋଲିସ୍ ଥାନା ଅଧୀନ ଢିଙ୍କିଆ ପଞ୍ଚାୟତର ଭ୍ରମରବର ଦାସଙ୍କୁ ପୋଲିସ୍ ଗିରଫ କରି ଅଦାଲତକୁ ପ୍ରେରଣ କରିଛି। ତାଙ୍କ ବିରୋଧରେ ଅଭୟଚନ୍ଦପୁର ପୋଲିସ୍ ଥାନାରେ ଗୁରୁତର ଅଭିଯୋଗ ରୁଜୁ ହୋଇଛି। ସେ ଅନ୍ୟ ଜଣଙ୍କ ବିରୋଧରେ ତାଙ୍କର ସମ୍ମତି ବିନା ଦୁଷ୍ଟ ଉଦ୍ଦେଶ୍ୟରେ ବଳପ୍ରୟୋଗ କରି ଅପରାଧ କରିଥିବାର ଅଭିଯୋଗ ରହିଛି। ଏହି ଅଭିଯୋଗ ଆଧାରରେ ଭ୍ରମରବର ଦାସଙ୍କୁ ଗିରଫ କରାଯାଇ ଅଦାଲତରେ ପେଶ କରାଯାଇଛି। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଅଭୟଚନ୍ଦପୁର ପୋଲିସ୍ ଥାନାରେ ମାମଲା ରୁଜୁ ହୋଇଥିଲା, ଯାହାରେ କେସ୍ ନଂ ୫୩/୨୦୨୩, ୧୯୪/୨୦୨୪ ଓ ଅଭୟଚନ୍ଦପୁର ପିଏସ୍ କେସ୍ ନଂ ୧୪୧/୧୪୩/୧୪୯/୨୯୪/୪୩୧/୫୦୬ ଓଚଉ/୩ ଚଉଚଚ ଇମସ୍ପ. ଅନ୍ତର୍ଭୁକ୍ତ। ତଥାପି, କିଛି ସ୍ୱାର୍ଥସାଧନ ଲୋକମାନେ ଷଡଯନ୍ତ୍ରର ଅଂଶ ଭାବେ ଭ୍ରାନ୍ତିକର ସୂଚନା ପ୍ରଚାର କରୁଥିବା ଅଭିଯୋଗ ହୋଇଛି, ଯାହା ଦ୍ୱାରା ଲୋକମାନଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପ୍ରଭାବିତ କରାଯାଉଛି ଏବଂ ଅପରାଧମୂଳକ କାର୍ଯ୍ୟକଳାପକୁ ଉତ୍ସାହ ଦିଆଯାଉଛି। ଏହା ମଧ୍ୟ ଅଭିଯୋଗ ଯେ, ଶ୍ରୀ ଦାସ ସଦା ଏମିତି ଷଡଯନ୍ତ୍ରରେ ଜଡିତ ରହିଛନ୍ତି ଯାହା ସ୍ଥାନୀୟ ଅଞ୍ଚଳର ଉନ୍ନତିକୁ ବାଧା ଦେଉଛି।

# ଗୋ ସେବାରେ ବ୍ରତୀ ଶ୍ରୀୟା ମାଆ : ଗୋମାତାଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ଆହ୍ୱାନ

ପାରାଦୀପ/ରାହାମା, (ମହାଭାରତ) : ରାହାମା କାଳିକୁଦ ଅଞ୍ଚଳ, ମହାନଦୀ ପଠା ର ଶାନ୍ତ, ତପୋବନ ସଦୃଶ ସ୍ଥାନ ଟିଏ। ଦୀର୍ଘ ୩୫ ବର୍ଷ ରୁ ଅଧିକ ବର୍ଷ ହେବ ନିଜକୁ ସମର୍ପିତ ଭାବେ ଆଧ୍ୟାତ୍ମିକ ଭାବନାରେ ନିରଳସ ଜୀବନଧାରଣ କରି ଆସୁଛନ୍ତି ଶ୍ରୀୟା ମାଆ । ଗୋ ପାଳନ ଓ ସେବା କୁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରି ଆତ୍ମ ସନ୍ତୋଷ ପାଇଛନ୍ତି। ୩୫ ବର୍ଷ ପୂର୍ବରୁ କଲିକତା ରୁ ଦୟାନିଧି ପରମହଂସ ଏହି ସ୍ଥାନରେ ପଦାର୍ପଣ କରିଥିଲେ। ଶାନ୍ତ, କାନ୍ତ, କମନୀୟ, ମନମୁଗ୍ଧକର ପରିବେଶ ତଥା ଶ୍ରୀୟା ମାଆ ଙ୍କ ପବିତ୍ର ଜୀବନଚର୍ଯ୍ୟା ରେ ଖୁସି ହୋଇ ନନ୍ଦିନୀ ନାମକ ଛୋଟ ଗୋ ମାତା ଟିଏ ପ୍ରଦାନ କରିଥିଲେ। ଗୁରୁଙ୍କ ଉପହାର କୁ ଜୀବନ ର ସର୍ବସ୍ୱ ଭାବେ ଗ୍ରହଣ କରି ଗୋ ସେବା ରେ ମନୋନିବେଶ କଲେ ଶ୍ରୀୟା ମାଆ। ଇତି ମଧ୍ୟରେ ମାଆ ଙ୍କ ଗୋ ଶାଳା ନନ୍ଦିନୀ ଙ୍କ ଉପହାର ରେ ୩୦ ଟି ଗୋ ମାତା ରେ ପରିପୂର୍ଣ୍ଣ। ମାଆ ମଧ୍ୟ ଇତି ମଧ୍ୟରେ ଅତିକ୍ରାନ୍ତ ବୟସ ରେ ଉପନୀତ। ନିଜ କାର୍ଯ୍ୟ କରିବାକୁ ତାଙ୍କ ଶରୀର ତାଙ୍କ ସାଥ ଦେଉନାହିଁ। ଗୋ ସେବା ରୁ ମନକୁ ବିଚ୍ୟୁତ କରି ପାରୁ ନାହାନ୍ତି ମାଆ। ଆଞ୍ଚଳିକ ସ୍ତରରୁ ଗୋ ମାତା ଙ୍କ ପୋଷଣ ନିମନ୍ତେ ଭିକ୍ଷା ବୃତ୍ତି କରନ୍ତି ମାଆ। ଗୋ ମାତା ମାନଙ୍କୁ କାହାକୁ ଦେଇ ଦେବା, ବିକ୍ରି କରିବା ସପକ୍ଷରେ ନାହାନ୍ତି ମାଆ। କାରଣ କଂସେଇ ଖାନା କୁ ତାଙ୍କର ଭୟ। ଯା ମଧ୍ୟରେ ଅନେକଙ୍କ ଜରିଆରେ



ପ୍ରଶାସନକୁ ଗୋ ଶାଳା ଓ ଅନୁଦାନ ନିମନ୍ତେ ଗୁହାରୀ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନି। ମାଆ ଅନେକ ଦିନ ହେବ ନିରାହାରି ଅଛନ୍ତି। ଗୋ ସେବା ଅବହେଳା ର ପରିଣତି କେତେ ଭୟଙ୍କର ତାହା ର ଅନେକ ଦୃଷ୍ଟାନ୍ତ ରହିଛି। ତେବେ ଶ୍ରୀୟା ମାଆ ଙ୍କ ଆବର୍ତ୍ତମାନରେ ଏହି ୩୦ ଟି ଗୋ ମାତା ଙ୍କ ଦାୟିତ୍ୱ କିଏ ନେବ ଏହାହିଁ ପ୍ରଶ୍ନ ସୃଷ୍ଟି କରିଥିଲା । ସମ୍ପ୍ରତି ସ୍ୱେଚ୍ଛାକୃତ ଭାବେ ଜଣେ ଅବସରପ୍ରାପ୍ତ ପଶୁ ଚିକିତ୍ସକ ନିମାଇଁ ଚରଣ ପ୍ରଧାନ ଗୋ ମାତା ଙ୍କ ସେବା ପାଇଁ ନିଜକୁ ସମର୍ପିତ କରିଛନ୍ତି। ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କୁ ଶ୍ରୀୟା ମାଆ ନିଜ ପାଇଁ ନୁହେଁ ବରଂ ଗୋ ମାତା ଙ୍କ ସୁରକ୍ଷା ପାଇଁ କିଛି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଗତ ଶୁକ୍ରବାର ଦିନ ଶ୍ରୀମତୀ ଆଚାର୍ଯ୍ୟ, ସମାଜସେବୀ ପ୍ରଶାନ୍ତ କୁମାର ସାମନ୍ତରାୟ, ମନୋଜ କୁମାର ପ୍ରଧାନ, ବ୍ୟାସ ଫାଉଣ୍ଡେସନର ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା, ରଂଜନ କୁମାର ପ୍ରଧାନ, ହୃଷିକେଶ ନନ୍ଦ ପ୍ରମୁଖ ଆଶ୍ରମ ରେ ଉପସ୍ଥିତ ହୋଇ ଘଟଣା ସମ୍ପର୍କ ରେ ଅବଗତ ହୋଇଥିଲେ । ଏଠାରେ ଏକ ଗୋ ଶାଳା ର ଆବଶ୍ୟକତା ରହିଥିବା ବେଳେ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ପ୍ରଶାସନ କୁ ଏ ଦିଗରେ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଆଦିବାସୀ ଝିଅ କବିତାଙ୍କୁ ଜନ୍ମ ମାଟିରେ ଭବ୍ୟ ସ୍ୱାଗତ

ନାରାୟଣ ପାଟଣା, (ନିପ୍ର): : ଛତିଶଗଡ଼ ରାୟପୁର ଠାରେ ଆୟୋଜିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ରେ କିସ୍ ତରଫରୁ ଖୋଖୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା ଭାଗ ନେଇ ରୈପ୍ୟ ଓ ଉଚ୍ଚ ଡିଆଁ ରେ ବ୍ରୋଜଂ ପଦକ ହାସଲ କରି ଜାତୀୟ ସ୍ତରରେ ଚମକିଥିଲେ ନାରାୟଣପାଟଣା ବ୍ଲକ ର ଆଦିବାସୀ ଝିଅ କବିତା ତାଡିଙ୍ଗି ।ଏ ଖବର ଶୁଣିବା ପରେ କବିତା ଙ୍କୁ ନିଜ ଜନ୍ମ ମାଟିରୁ ବିଭିଡ ମହଲରୁ କବିତା ଓ ପରିବାରକୁ କୁ ଶୁଭେଚ୍ଛା ର ଶୁଅ ଛୁଟିଥିଲା । କବିତା ଖୋଖୋ ଇଣ୍ଡିଆ କ୍ରୀଡା ପ୍ରତିଯୋଗିତା ସରିବା ପରେ ଆଜି ସିଏ ନିଜ ଜନ୍ମ ମାଟି କୁ ଫେରିଥିଲେ ତାଙ୍କୁ ନାରାୟଣଃପାଟଣା ଥାନା ଛକରେ କବିତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଜିଲ୍ଲା ପରିଷଦ ଅଧକ୍ଷ ସୁ ଶ୍ରୀ ସସ୍ମିତା ମେଲେକା, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଜେପି ସଭାପତି କାଶୀନାଥ ହିକକା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅନିଲ ସିରିକା,, ଆଦିବାସୀ କୁଇ ସମାଜ ଜିଲ୍ଲା ସଭାପତି ହବିକା ରବି, ସରପଞ୍ଚ ପିଲବ ସିରିକା ରେବତୀ କୁନ୍ଦାରୀୟା, , କବିତାଙ୍କୁ ଫୁଲ ତୋଡ଼ା ଦେଇ ଉଚ୍ଛାହିତ କରିଥିଲେ। ସେହିପରି ନାରାୟଣପଟଣା ଥାନା ଆଇ ଆଇ ସି ଶ୍ରୀମତୀ ମମତା ପଣ୍ଡା ଉତ୍ତରୀୟ ସହ ମାନପତ୍ର ଦେଇ ଆହୁରି ସୁନାମ ଅର୍ଜନ କରି ଓଡ଼ିଶାର ନାମ ଅର୍ଜନ କରିବାକୁ କରିଥିଲେ। ଥାନା ଛକରୁ ଋନ୍ଦିନୀ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ, ରାଜନେତା, ସମାଜସେବୀ, କ୍ରୀଡ଼ାବିତ ୟକବିତା ତାଡିଙ୍ଗି ଙ୍କୁ ଶୁଭେଚ୍ଛାଦେବାସହ ସେଲ୍ଫି ଉଠାଇ ଥିଲେ ପରେ ନାରାୟଣପଟଣା ଅଧୟନ କରୁଥିବା ଢ଼େପଗୁଡା ଗାର୍ଲସ ହଷ୍ଟେଲ କୁ ଯାଇ ନିଜ ନିଜ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଆଶ୍ରିବାଦ ନେଇଥିଲେ। ସୂଚନା ଥାଉକି କବିତା ଙ୍କ ଘର ଦୁର୍ଗମ ତଳଗୁମାଣ୍ଡି ପଂଚୟତ ବାରୀ ଗାଁ ରେ ।ପିଲାଟି ଦିନରୁ ଭୁବନେଶ୍ୱର ର କିସ୍ ଅନୁଷ୍ଠାନ ରେ ରହି ପାଠ ପଢୁଥିଲା । ବର୍ତ୍ତମାନ ଯୁକ୍ତ ତିନି ପ୍ରଥମ ବର୍ଷ ର ଛାତ୍ରୀ । ପିଲାଟି ଦିନରୁ କ୍ରୀଡ଼ା ପ୍ରତି ରୁଚି ରହି କିସ୍ ରେ ଖୋଖୋ,ଦୈଡ ରେ କୋଚିଂ ନେଇ ନିଜକୁ ପ୍ରସ୍ତୁତ କରୁଥିଲେ ।ଗତ ମାସ ୨୫ ତାରିଖରୁ ଅପ୍ରେଲ ୩ ଯାଏଁ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ରେ ଖୋଖୋ ଓ ଉଚ୍ଚ ଡିଆଁ ପାଇଁ କିସ୍ ତରଫରୁ ମନୋନୀତ ହୋଇ ଅଂଶ ଗ୍ରହଣ କରିଥିଲେ ୟଆଉ ସେଠି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କାର ପାଇ ଅନୁଷ୍ଠାନ ଓ ଗାଁ ପାଇଁ ଗୈରବ ଆଣିଛନ୍ତି ।ଗରୀବ ପରିବାର ହୋଇଥିବା ରୁ ବାପା ଋଷ କାମ କରି ପରିବାର ପ୍ରତିପୋଷଣ କରନ୍ତି ବାପା ଗିରି ତାଡ଼ିଙ୍ଗି । ଭଉଣୀଙ୍କ କୃତିତ୍ୱକୁ ନେଇ ଭାଇ ସାଇ ତାଡ଼ିଙ୍ଗିଙ୍କ ସହ ମା' ଓ ବାପା ଖୁସି ହୋଇଛନ୍ତି ।ପୁରା ବାରୀ ଗାଁବାସୀ ପ୍ରଶଂସା କରିବା ସହ ଉତ୍ସବ ପାଳିଛନ୍ତି । ପ୍ରଥମେ ତାଙ୍କ ମା'ବାପାଙ୍କ ସହ ଭାଇ ସାଇଙ୍କୁ ଓ ତାଲିମ ଦେଇଥିବା ପ୍ରଶିକ୍ଷକଙ୍କୁ ଶ୍ରେୟ ଜଣାଇଛନ୍ତି ।ବଣ ର ମଲ୍ଲୀ କବିତା ଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## କଂଗ୍ରେସର ପ୍ରତିବାଦ ପରେ ଉମରକୋଟ ସହରରେ ୨୫ ଦିନରେ ମିଳିବ ଗ୍ୟାସ



ଉମରକୋଟ (ମହାଭାରତ) ଉମରକୋଟ ସହର ବାସୀଙ୍କୁ ଏଣି କି ୨୫ ଦିନରେ ଗ୍ୟାସ ମିଳିବ ଏ ନେଇ କଂଗ୍ରେସ ଦଳ ୧୭ ତାରିଖ ଦିନ ରାସ୍ତା ରୋକ୍ ଆନ୍ଦୋଳନ କରିଥିଲା । ସେହି ଦିନ କମ୍ପାନୀ ଓ ଜିଲ୍ଲା ଯୋଗାଣ ବିଭାଗ ଉମରକୋଟ ସହର ବାସୀଙ୍କୁ ୨୫ ଦିନରେ ଯେମିତି ଗ୍ୟାସ ମିଳିବ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉମରକୋଟର ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ ଓ ବାବୁଲୟ ପଟ୍ଟନାୟକ ଜିଲ୍ଲା ଯୋଗାଣ ବିଭାଗ ଓ ଗ୍ୟାସ କମ୍ପାନୀ କୁ ସାଧୁବାଦ ଜଣାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଏହିକି ଯେ ବହୁ ଦିନ ହେଲା ଉମରକୋଟ ଠାରେ ଥିବା ପେଣ୍ଡଣି ଇଣ୍ଡେନ ଗ୍ୟାସ ର କିଛି ସମସ୍ୟା ଥିବା ଯୋଗୁ ଲାଇସେନ୍ସ ନବୀକରଣ କମ୍ପାନୀ ପକ୍ଷ ରୁ କରାଗଲା ନାହିଁ। ଉମରକୋଟ ସହର ବାସୀ ଯେପରି ଗ୍ୟାସ ଠିକ୍ ଭାବରେ ପାଇପାରିବେ ସେଥି ନେଇ ବୁର୍ଜ। ଠାରେ ଥିବା ବାବା ବୈଦ୍ୟନାଥ ଗ୍ୟାସ ଏଜେନ୍ସୀ କୁ ସହର ର ଗ୍ୟାସ ବିତରଣ ଅଧିକାର ପ୍ରଦାନ କରିଥିଲା କମ୍ପାନୀ। ଯେହେତୁ ବୁର୍ଜୟ ଗ୍ରାମ ପଞ୍ଚାୟତ ରେ ଆସୁଛି ଗ୍ୟାସ ବୁକିଂ କଲେ ୪୫ ଦିନ ପରେ ମିଳୁଥିଲା। ଫଳରେ ଉମରକୋଟ ସହର ବାସୀ ଗ୍ୟାସ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉ ଥିଲେ ।ଏହାକୁ ଦୃଷ୍ଟି ରେ କଂଗ୍ରେସ ଦଳ ପକ୍ଷ ରୁ ରାସ୍ତା ରୋକ୍ ଆନ୍ଦୋଳନ କରାଯାଇଥିଲା। ଅପର ପକ୍ଷରେ ଗ୍ୟାସ ବୁକିଂ କଲେ ୨୫ ଦିନରେ ମିଳିବ ବୋଲି ମେସେଜ ଆସିଛି ବୋଲି ବ୍ୟାସ ବୁକି ବୁକିଂ କରିଥିବା ଅମୂଲ୍ୟ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

## ବ୍ଲକସ୍ତରୀୟ କ୍ରିକେଟ ତ୍ରିଲୋଚନେଶ୍ର ଟିମ ଚମ୍ପିୟାନ

କୃଷ୍ଣପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ତିଛିଣି ତ୍ରିଲୋଚନେଶ୍ର କ୍ରିକେଟ ଟିମ ଆନୁକୂଲ୍ୟରେ ମଙ୍ଗଳାକୁଦି ଷ୍ଟାଡିୟମ ଠାରେ ଋଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ଦଳ ଚମ୍ପିୟାନ ହୋଇଛି । ଏହି ଦିବସର ଖେଳ ବାବା ତ୍ରିଲୋଚନେଶ୍ର କ୍ରିକେଟ ଟିମ ତିଛିଣି ବନାମ ବାବା ଜଟାଧାରୀ କ୍ରିକେଟ କ୍ଲବ ସାନଅଁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତିଛିଣି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୭୭ ରନ ସଂଗ୍ରହ କରିଥିବା ବେଳେ ଜବାବରେ ସାନଅଁଳ ଦଳ ଆବଶ୍ୟକୀୟ ରନ ସଂଗ୍ରହ ନକରିପାରି ପରାଜୟ ହୋଇଥିଲା । ସୁଶାନ୍ତ କୁମାର ପଲେଇ, ରାହୁଲ କୁମାର ତରେଇ ଖେଳ ପରିଋଳନା କରିଥିବା ବେଳେ ସ୍ୱାଧୀନ କୁମାର ପଲେଇ, ଅଜୟ କୁମାର ପ୍ରଧାନ ଧାରା ବିବରଣୀ ଏବଂ ସୀତାଂଶୁ ଜେନା, ରତି ଜେନା ସ୍କୋର ବୋର୍ଡରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁ ପ୍ରିୟା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ଅଲଣ୍ଡା ପଞ୍ଚାୟତ ବିଜେପି ସଭାପତି ଶରତ ଚନ୍ଦ୍ର ଜେନା, ବୀଣାପାଣି ଯୁଥ କ୍ଲବ ସଭାପତି ବସନ୍ତ ପଲେଇ, କୋଷାଧକ୍ଷ ବୁଲୁ କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବାବା ତ୍ରିଲୋଚନେଶ୍ୱର କ୍ରିକେଟ ଟିମର ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଋଳନାରେ ସହଯୋଗ କରିଥିଲେ ।

## ପଞ୍ଚତାରକା ହୋଟେଲର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ




ମୋହନା, (ମହାଭାରତ):ମୋହନା ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଜିରାଙ୍ଗ ବୌଦ୍ଧ ମନ୍ଦିର ନିକଟରେ ପ୍ରତ୍ୟକ୍ଷ ରିସର୍ଟର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗଜପତି ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କ ପ୍ରୋତ୍ସାହନରେ ସ୍ଥାନୀୟ ବ୍ଲକ ଜୀରାଙ୍ଗ ସ୍ଥିତ ବୌଦ୍ଧ ମନ୍ଦିର ସନ୍ନିକଟରେ ପ୍ରତ୍ୟକ୍ଷ ଗ୍ରୁପ୍ ପକ୍ଷରୁ ଶହେ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ପଞ୍ଚ ତାରକା ହୋଟେଲ ନିର୍ମାଣ ହେବାକୁ ଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ରିସୋର୍ଟ ହେବା ଦ୍ୱାରା ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ଯୁବ ପିଢ଼ିମାନେ ନିଯୁକ୍ତିର ସୁବିଧା ସୁଯୋଗ ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ କ୍ଷଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ।ତିବତୀୟ ଲାମା ଗୁରୁଜୀ ପ୍ରେମା ଖେମ୍ପୋ,ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ କାମଦେବ ବଡ଼ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ପୂର୍ବ ରାଜନୈତିକ ଶତ୍ରୁତାକୁ ନେଇ ଗୋଟିଏ ପରିବାରର ୪ଜଣଙ୍କୁ ମରଣାତ୍ମକ ଆକ୍ରମଣ

ଆସିକା (ମହାଭାରତ):-କୋଟିନଡ଼ା ଥାନା ଆସିକା ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରାମ ବେଳକୁ ବେଳ ଅଶାନ୍ତ ହେବାରେ ଲାଗିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଏବେଠୁ ଆରମ୍ଭ ହେଲାଣି ଅଶାନ୍ତି । କଥା କଥାରେ ବୁଲୁଛି ଖଣ୍ଡା କାତି ।ଗତକାଲି ୨୪/୪ ରାତ୍ର ପ୍ରାୟ ୧୦ ଘଣ୍ଟା ସମୟରେ ଗ୍ରାମର ନୃସିଂହ ମନ୍ଦିର ଗଳି ରାସ୍ତାରେ ମରଣାନ୍ତକ ଆକ୍ରମଣରେ ଗୋଟିଏ ପରିବାରର ୪ ଜଣ ଗୁରୁତର ଆହତଙ୍କୁ ବାଇକ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ରହ୍ମପୁର ଏମ କେ ସି ଜି କୁ ସ୍ଥାନାନ୍ତର ।ଏନେଇ ଆହତ ଙ୍କ ମା ଲବଣ୍ୟ ଲେଙ୍କା କୋଟିନଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଭିତ୍ତି କରି ପୋଲିସ ୧୪୬/୨୬ ପ୍ରକାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛ। ପ୍ରକାଶ ଥାଉକି ଗତକାଲି ଜୟପୁର ଗ୍ରାମରେ ପ୍ରଫୁଲ୍ଲ ବାରିକଙ୍କ ଝିଅ ବାହାଘର ଋଲିଥିଲା ଭୋଜି ଖାଇ ଲବଣ୍ୟ ଲେଙ୍କା ଙ୍କ ସ୍ୱାମୀ କୁନା ଲେଙ୍କା ତାଙ୍କ ଦୁଇ ପୁଅ ଆଶିଷ ଲେଙ୍କା, ବିକାଶ ଲେଙ୍କା ଓ ଗ୍ରାମର ସୁଶାନ୍ତ ପରିଡା ଫେରୁଥିବା ସମୟରେ ପୂର୍ବ ଯୋଜନା ମୁତାବକ ନିକଟରେ ଗ୍ରାମର ନୃସିଂହ ମନ୍ଦିର ଗଳିରେ ପୂର୍ବତନ ସରପଞ୍ଚ ସଞ୍ଜୟ ଜେନା, ଶିବ ନାହାକ, କାହ୍ନୁ ପାଣିଗ୍ରାହୀ, ଚନ୍ଦନ ମହାନ୍ତି, ରାହୁଲ ମୁନି, ସମୀର ମହାନ୍ତି, ବାଦଲ ମହାନ୍ତି, ବିକ୍ରମ ରାଉତ, ବିଚିତ୍ର ରାଉତ, କାମଦେବ ଜେନା ଓ କାଳିଆ ସାମଲ ମିଳିମିଶି ଠେଙ୍ଗା, କାତି ଓ କୁରାଢି ଦ୍ୱାରା ଜୀବନରେ ମାରିଦେବ ଉଦ୍ଦେଶ୍ୟରେ ମରଣାତ୍ମକ ଆକ୍ରମଣ କରିଥିଲେ । ଆଶିଷ ଲେଙ୍କାକୁ କାହ୍ନୁ ପାଣିଗ୍ରାହୀ କାତିରେ ମୁଣ୍ଡକୁ ଅତର୍କିତ ଭାବେ ହାଣିଲା ଓ ଅନ୍ୟ ସହଯୋଗୀ ମାନେ ମିଳିମିଶି ଠେଙ୍ଗା ଓ କୁରାଢିରେ ମାରିଲେ। ଉକ୍ତ ସମୟରେ ସଞ୍ଜୟ ଜେନ ମୋର ସାନପୁଅ ବିକାଶ ଲେଙ୍କା ଓ ସୁଶାନ୍ତ ପରିଡାକୁ କାତିରେ ଆକ୍ରମଣ କରି ଋଲିଥିଲା ମୋର ସ୍ୱାମୀ କୁନା ଲେଙ୍କା ଦୁର୍ବୁଉଙ୍କ କବଳରୁ ସେମାନଙ୍କୁ ରକ୍ଷା କରିବାକୁ ଯିବାରୁ ତାଙ୍କୁ ମଧ ଉପରୋକ୍ତ ସମସ୍ତେ ମିଳିମିଶି ଠେଙ୍ଗାରେ ପିଠି ଓ ହାତକୁ ବାଡେଇ ହାତ ଓ ପିଞ୍ଜିରା ହାଡ ଭାଙ୍ଗିଯାଇଥିଲା ମୁଣ୍ଡରେ ମଧ ଗଭୀର ଆଘାତ ହୋଇଥିଲା । ଖବର ପାଇ ଅଭିଯୋଗ କାରିଣୀ ଲାବଣ୍ୟ ଲେଙ୍କା ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୁଉଙ୍କ କବଳରୁ ମୋର ପୁଅ ଆଶିଷ ଲେଙ୍କା, ବିକାଶ ଲେଙ୍କା, ମୋର ସ୍ୱାମୀ କୁନ ଲେଙ୍କା ଓ ସୁଶନ୍ତ ପରିଡ଼ାକୁ ସେମାନଙ୍କ କବଳରୁ ରକ୍ଷା କରିବାକୁ ଚେଷ୍ଟା କରିବାରୁ କାହ୍ନୁ ପାଣିଗ୍ରାହୀ ଲାବଣ୍ୟଙ୍କ ବ୍ଲାଉଜକୁ ଚିରିଦେଇ ବେକରୁ ମଙ୍ଗଳସୁତ୍ର କୁ ଛିଣ୍ଡାଇ ନେଇ ମୋତେ ଧକ୍କାମାରି ତଳେ ପକାଇଦେଇ ଥିଲା। ଏବଂ ଘଟଣା ସ୍ଥଳରେ ସଞ୍ଜୟ ଜେନ ଓ ଅନ୍ୟନ୍ୟା ସହଯୋଗୀମାନେ ଧମକ ଦେଇ ତୋର ପୁଅ ଆଶିଷ ଓ ସ୍ୱାମୀ ନ ମରନ୍ତି ତା ହେଲେ ପୁର୍ନବାର ଜୀବନରେ ମରିବୁ ବୋଲି କହିଥିବା ନିଜ ଅଭିଯୋଗ ପତ୍ରରେ ଲାବଣ୍ୟ ଅଭିଯୋଗ କରିବା ସହିତ ସଞ୍ଜୟ ଜେନା। ଓ ଶିବ ନାହାକ ବିରୁଦ୍ଧରେ ପୂର୍ବରୁ । ଗୁରୁତର ଅପରାଧୀକ ମାମାଲ ଋଲୁଅଛି ବୋଲି ଲିଖିତ ଅଭିଯୋଗ କରିଛନ୍ତି । ଖବର ଲେଖା ବେଳକୁ ଅପର ପକ୍ଷରୁ ମଧ ଏକ ଲିଖିତ ଅଭିଯୋଗ ହୋଇଛି ପୋଲିସ ୧୪୭/୨୬ରେ ଏକ ମାମଲା ରୁଜୁ କରିଛି ।ପ୍ରକାଶ ଥାଉକି ଗତ କିଛି ଦିନ ତଳେ ଜୟପୁର ଗ୍ରାମ ପଞ୍ଚାୟତ ରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଗୁରୁତର ଆହତଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ସଞ୍ଜୟ ଜେନା କାହିଁକି ପଞ୍ଚାୟତ କୁ ଆସୁଛନ୍ତି ।ଯାହାଦ୍ୱାରା ଗ୍ରାମରେ ଅଶାନ୍ତି ହେଉଛି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବାଧକ ସାଜୁଛନ୍ତି ।ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟି ତୁଣ୍ଡ ହୋଇଥିଲା। ଗତ କିଛି ବର୍ଷ ହେବ ଜୟପୁର ଗ୍ରାମରେ କଥା କଥାକେ ହଣା କଟା ମରା ମାରି ଏକ ସାଧାରଣ କଥା ହୋଇଗଲାଣି ଯଦି ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ ନ କରାଯାଏ ତେବେ ପଞ୍ଚାୟତ ନିର୍ବାଚନ ରେ ମୁଣ୍ଡ ଗଡ଼ିବା ସମ୍ଭାବନା କୁ ଆଡେଇ ଦିଆଯାଇପାରିବନ।

## ରକ୍ଷଣା ବେକ୍ଷଣ ଅଭାବରୁ ମାଟିତଳେ ନବଗୁଞ୍ଜର ମନ୍ଦିର

ଗଣିଆ୨୫/୦୪ (ମହାଭାରତ): ପୁରାଣ ପ୍ରସିଦ୍ଧ ମଣିଭଦ୍ରା ପାହାଡ଼ର ପାଦଦେଶ ରେ ଅବସ୍ଥିତ ବିରତୃଙ୍ଗ ନଦୀ କୁଳ ରେ ପ୍ରତିଷ୍ଠା କରାଯାଇଥିବା ନବଗୁଞ୍ଜର ମନ୍ଦିର ଟିର ରକ୍ଷଣା ବେକ୍ଷଣ ଅଭାବରୁ ଆଜି ମାଟିରେ ପୋତି ହୋଇ ଲିନ ହୋଇଯାଇଛି କ୍ଷ ପୂରଣରେ ବର୍ଣିତ ଅଛି ଯେ ଧନୁର୍ଧାରୀ ଅର୍ଜୁନ ଏକାନ୍ତ ବନବାସ କରିବା ସମୟେ ମଣିଭଦ୍ରା ପର୍ବତ ଶିଖରରେ ସଖା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ସେଠାରେ ଏକ ଅଲୌକିକ ଭାବେ ନଅ ଗୋଟି ରୂପରେ ନବଗୁଞ୍ଜର ନାମରେ ଦୃଶ୍ୟମାନ ହୋଇଥିଲେ କ୍ଷ ଭଗବାନ ଶ୍ରୀକୃଷ୍ଣ ଙ୍କ ଏତାଦୃଶ୍ୟ ଦେଖି ସଖା ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଯେ ଏଭଳି ଜୀବ ପୃଥିବୀ ରେ କେବେ କୋଉଠି ଦେଖିନାହାନ୍ତି କ୍ଷ ଶ୍ରୀକୃଷ୍ଣ ଙ୍କୁ ସାକ୍ଷାତ ହେବାପରେ, ସେଠାରେ ତୀର ବିଧ କରି ବାରୁଣୀ ସ୍ନାନ କରି ନିକଟରେ ଗୁପ୍ତେଶ୍ୱର ଙ୍କୁ ଦର୍ଶନ କରିଥିଲେ କ୍ଷ ଶାରଳା ଦାସଙ୍କ ଓଡ଼ିଆ ମହାଭାରତର ମଧ ପର୍ବରେ ଏହା ନିଖୁଣ ଭାବରେ ବର୍ଣ୍ଣନା ରହିଅଛି ୟ ମଣିଭଦ୍ରା ପାହାଡ ନିକଟରେ ଅବସ୍ଥିତ ବୀର ତୃଙ୍ଗ ନଦୀକୂଳେ ପୌରାଣିକ କଥାକଥିତ ଅନୁସାରେ କୁମ୍ଭୀର ଖଣି ନିବାସୀ ଆନନ୍ଦ ସାହୁଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମନ୍ଦିର ଟି ରକ୍ଷଣା ବେକ୍ଷଣ ଅଭାବରୁ ଦୀର୍ଘ ୧୬ ବର୍ଷ ହେଲା ଆଜି ତାର କିମ୍ବଦନ୍ତୀ ମାଟି ତଳେ ପୋତି ହୋଇସାରିଲାଣି କ୍ଷ ଭାରତୀୟ ସଂସ୍କୃତି ଐତିହ୍ୟ ନଷ୍ଟ ହୋଇଯାଉଥିବା ଯୋଗୁଁ ଅସନ୍ତୋଷ ର ଶିକାର ହୋଇଛନ୍ତି ପୂଜକ ଗୋପୀନାଥ ରଣା କ୍ଷ ସରକାର ଙ୍କ ଦୃଷ୍ଟି ଆକର୍ଷଣ ହେଲେ ଉକ୍ତ ନବଗୁଞ୍ଜର ମନ୍ଦିରର ପୁନଃରୁଦ୍ଧାର ହୋଇପାରିବ ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଅଛି ୟ

## ଗଣିଆରେ ଲଙ୍କାପୋଡ଼ି ଯାତ୍ରା ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ 'ନବଗୁଞ୍ଜର' ପୁସ୍ତକ ଉନ୍ମୋଚିତ

ଗଣିଆ,(ମହାଭାରତ): ଗଣିଆ ଅଞ୍ଚଳର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଏବଂ ପଲ୍ଲିଶ୍ରୀ ମେଳା ଆଡ଼ମ୍ବର ସହକାରେ ଉଦଯାପିତ ହୋଇଯାଇଛି। ମେଳା କମିଟି ସଭାପତି ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଉଦଯାପନୀ ସଭାରେ ଅଞ୍ଚଳର କଳା ଓ ସଂସ୍କୃତିର ଭବିଷ୍ୟତ ନେଇ ଆଲୋଚନା କରାଯାଇଥିଲା। ଏହି ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ନାଗରିକ ମଞ୍ଚ ସଭାପତି ଗିରିଶ କୁମାର ମିଶ୍ର, ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ସରପ□ ଗିରିଧାରୀ ସେଠି, ସମିତି ସଭ୍ୟ ଫକିରମୋହନ ଡାକୁଆ ଏବଂ ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରାଣ ପ୍ରସିଦ୍ଧ 'ନବଗୁଞ୍ଜର' ପୁସ୍ତକଟି ଏକ ନିଆରା ନାଟକୀୟ ଶୈଳୀରେ ଉନ୍ମୋଚିତ ହୋଇଥିଲା। ଏହି ନାଟିକାରେ କଳାକାର ଗାର୍ଗୀ ଓ ସୁଇଟି ଯଥାକ୍ରମେ ଶ୍ରୀକୃଷ୍ଣ ଓ ଅର୍ଜୁନ ଭୂମିକାରେ ଅତି ସୁନ୍ଦର ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେୟ ସଭାରେ ମତବ୍ୟକ୍ତ କରି ଅତିଥିମାନେ କହିଥିଲେ ଯେ, ଗଣିଆ ହେଉଛି ଏକ ଶୁଦ୍ଧ କଳାର ମାଟି। ଏଠାର ସାଂସ୍କୃତିକ ଐତିହ୍ୟକୁ ଜାତୀୟ ସ୍ତରରେ ପହଞ୍ଚାଇବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଏହି ଯାତ୍ରା ଓ ମେଳା ସ୍ଥାନୀୟ କଳାକାରଙ୍କ ପାଇଁ ଏକ ବଡ଼ ମଞ୍ଚ ବୋଲି ସେମାନେ ଅଭିହିତ କରିଥିଲେ।ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଭୁତି ଭୂଷଣ ପଣ୍ଡା ସଂଯୋଜନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ପରେ ପରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଉଦଯାପନୀ ସନ୍ଧ୍ୟାର ଭରପୂର ମଜା ଉଠାଇଥିଲେ ।






## ଠାକୁରମୁଣ୍ଡା ରେ ପଞ୍ଚାୟତ ରାଜ ଦିବସ ପାଳିତ



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ ସ୍ତରୀୟ ଓ ଗ୍ରାମପଞ୍ଚାୟତ ଗୁଡିକରେ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳିତ ହୋଇ ଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧିନ ୧୮ ଗୋଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ୱାର୍ଡ ସଭ୍ୟ ଗ୍ରାମପଞ୍ଚାୟତ ବାସୀ ମାନଙ୍କ ଉପସ୍ଥିତ ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା ।ଏହି ଅବସର ରେ ଗ୍ରାମପଞ୍ଚାୟତ ଗୁଡିକରେ ଗ୍ରାମ ସଭା ମଧ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ବ୍ଲକ ପରିସର ରେ ସଂନ୍ଧ୍ୟା ୬ ଟା ସମୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଉପସ୍ଥିତ ରେ ବଲାଙ୍ଗୀର ଠାରେ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ କୁ ଅଭାଷୀ ମାଧ୍ୟମ କୁ ବ୍ଲକ ପରିସର ରେ ଉପସ୍ଥିତ ଲୋକ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା ।କାର୍ଯ୍ୟକ୍ରମ ଅବସର ରେ ଠାକୁରମୁଣ୍ଡା ବ୍ଲକ ରେ ଅନ୍ତର୍ଦ୍ୱୟ ଯୋଜନା ରେ ଗୃହ ପାଇବାକୁ ଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଅନ୍ତର୍ଦ୍ୱୟ ଗୃହ ର ପ୍ରଥମ କିସ୍ତି ଟଙ୍କା ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲାୟକାର୍ଯ୍ୟକ୍ରମ ରେ ଠାକୁରମୁଣ୍ଡା ବିଡ଼ିଓ ସପନେଶ୍ୱର ବେହେରା,ସାଂସଦ ଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପା ଧକ୍ଷ ସନ୍ତୋଷ କୁମାର ମହାନ୍ତ,ସରପଞ୍ଚ ମଳୟ ପରିମାଣିକ,ସୁଜିତ ଲୁଗୁନ, ଠାକୁରମୁଣ୍ଡା ଭାଜପା ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରଣଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କାକଟପୁରରେ ଗାଡି, ନୟାଗଡ଼ ରେ କଟିଲା ଋଲାଣ

ଅସ୍ତରଙ୍ଗ(ମହାଭାରତ):କାକଟପୁର ଥାନା ଅସ୍ତରଙ୍ଗ ବ୍ଲକ ଓସ୍ତପୁର ଗ୍ରାମ ରେ ପ୍ରଦୀପ ଦୀକ୍ଷିତ ୨୦୨୫ ମସିହା ରେ କାକଟପୁର ରେ ଥିବା ବେଳେ ତାଙ୍କ ଗାଡି ନମ୍ବର ରେ କଟିଥିଲା ଋଲାଣ, ସୂଚନା ମୁତାବକ ପ୍ରଦୀପ ଙ୍କ ନେଳି ରଙ୍ଗ ରେ ଗ୍ଳାମର ବାଇକ ଯାହାର ନମ୍ବର ଅନୁସନ୍ଧାନ ପରେ ସେ ଜାଣିଥିଲେ ଋଲାଣ କଟିଛି ନୟାଗଡ ଇଟାମାଟି ରେ, ଏକା ଗାଡି ଏକା ନମ୍ବର ମାତ୍ର ପ୍ରଦୀପ ଙ୍କର ହାଇ ସିକ୍ୟୁରିଟି ନମ୍ବର ହେଇଥିବା ବେଳେ ଋଲାଣ କାଗଜ ରେ ଆସିଥିବା ଫୋଟୋ ଷ୍ଟିକର ନମ୍ବର, ଏହାକୁ ନେଇ ଥାନା ଓ ଆରଟିଓ ରେ ଅଭିଯୋଗ କରିଆସୁଥିଲେ ବି କୌଣସି ସୁଫଳ ମିଳିନି ପ୍ରଦୀପ ଙ୍କୁ, ପ୍ରଦୀପ ଙ୍କ ଅଭିଯୋଗ ଯେ ଯଦି ଏହା ମୋ ବାଇକ ତେବେ ହାଇ ସିକ୍ୟୁରିଟି ନମ୍ବର ପରିବର୍ତ୍ତେ କିପରି ଷ୍ଟିକର ନମ୍ବର ଆସିଲା ଓ ମୋ ବୟସ ଅନୁସାରେ କାକଟପୁର ରୁ ନୟାଗଡ ବାଇକ ରେ ଯିବା ମୋ ପାଇଁ ସମ୍ଭବ ନୁହେଁ, ଏହା ନିଶ୍ଚିନ୍ତ ଚୋରୀ ବାଇକ କି କିମ୍ବା ବେ ଆଇନ କାମ ରେ ହାତରେ ପ୍ରସ୍ତୁତ ନମ୍ବର ଲଗାଇ କୌଣସି ଅପରାଧିକ କାର୍ଯ୍ୟ ରେ ଲିପ୍ତ ଥିବା ବ୍ୟକ୍ତି ହୋଇଥିବ, ପ୍ରଶାସନ ରେ ତ୍ରୁଟି ପାଇଁ ଯଦିଓ ମୋ ଭଳି ଲୋକ ମାନସିକ ଋପ ରେ ରହୁଛି ତେବେ ସାରା ରାଜ୍ୟ ରେ ଏହିଭଳି ପରିସ୍ଥିତି କାଇଁ ସୃଷ୍ଟି ହେଇନଥିବ, ଆଗକୁ ଯଦି ଉକ୍ତ ବାଇକ କୁ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ମିଳିତ ଉଦ୍ୟମ ରେ ଧରା ନଯାଏ ତାହେଲେ ସେହି ବାଇକ ଦ୍ୱାରା ଯଦିଓ କିଛି ବଡ଼ ଅପରାଧ କି ଦୁର୍ଘଟଣା ହୁଏ ତାହେଲେ ପ୍ରଦୀପ ଙ୍କ ଉପରେ ନିଶ୍ଚିନ୍ତ ଗୋଟେ ବଡ଼ ପ୍ରଭାବ ପଡିବ, ଆଜି ପର୍ଯ୍ୟନ୍ତ ଅଭିଯୋଗ ହେଇ ଆସୁଥିଲେ ବି ଆଜିବି ଅନଲାଇନ ରେ ଋଲାଣ ବକେୟା ରହିଛି, ଏହି ସ୍ଥିତି ଉପରେ ସରକାର ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉଚ୍ଚ ତଦନ୍ତ କଲେ ସେ ଏହି ପରିସ୍ଥିତି ରୁ ଉଦ୍ଧାର ପାଇବେ ବୋଲି ସରକାର ଙ୍କୁ ନିବେଦନ କରିଛନ୍ତି ।

## ରାଇଘର ବ୍ଲକ ରେ ପାଳିତ ହୋଇଛି ପଞ୍ଚାୟତ ରାଜ ଦିବସ

ରାଇଘର ବ୍ଲକ ରେ (ମହାଭାରତ)ଆଜି ପଞ୍ଚାୟତ ରାଜ ଦିବସ ଅବସରରେ ରାଇଘର ବ୍ଲକରେ ବିଶାଳ ଉତ୍ସାହ ଓ ଆଡମ୍ବର ସହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ୪ ଟା ବେଳୁ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା। ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ୱାର୍ଡ ସଦସ୍ୟ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା, ସରକାରୀ ଅଧିକାରୀ ଓ ଶତାଧିକ ଜନସାଧାରଣ ଏହି ଅବସରରେ ଯୋଗଦେଇଥିଲେ ।କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ପଞ୍ଚାୟତ ରାଜ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଅତିଥିମାନେ କହିଥିଲେ ଯେ, ଗ୍ରାମୀଣ ଉନ୍ନୟନର ମୂଳ ଆଧାର ହେଉଛି ପଞ୍ଚାୟତ ବ୍ୟବସ୍ଥାୟ ଗ୍ରାମ ଲୋକଙ୍କ ସମସ୍ୟାର ସମାଧାନ, ସ୍ଥାନୀୟ ଯୋଜନାର କାର୍ଯ୍ୟାନ୍ୱୟନ ଓ ଲୋକଶାସନକୁ ଶକ୍ତିଶାଳୀ କରିବାରେ ପଞ୍ଚାୟତର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବକ୍ତାମାନେ ଗ୍ରାମ ପଞ୍ଚାୟତ ମାଧ୍ୟମରେ ପାନୀୟଜଳ, ରାସ୍ତା ନିର୍ମାଣ, ଆବାସ ଯୋଜନା, ଶୌଋଳୟ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ ହୋଇଥିବା ଉନ୍ନତିକୁ ଉଲ୍ଲେଖ କରିଥିଲେୟ ଆଗାମୀ ଦିନରେ ଗ୍ରାମ ସ୍ତରରେ ଅଧିକ ସଚେତନତା ଓ ସମନ୍ୱୟ ସହ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା ।ଏହି ଅବସରରେ ରାଇଘର ବ୍ଲକର ବିଭିନ୍ନ ପଞ୍ଚାୟତ ର ୩୧୬ ହିତାଧିକାରୀ ଙ୍କୁ ଅନୁଦ୍ୱୟ ଘର ବଣ୍ଟନ କରାଯାଇଥିଲା, ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିରୂପେ ସାଂସଦ ଙ୍କ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର,ଉପାଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡ ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ,ଗଣ୍ଡ, ମନୋହର ଦଣ୍ଡସେନା, ବସନ୍ତି ଡ଼ଙ୍ଗରି ଯୋଗଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ଯୋଗ ଦେଇଥିଲେ।

## ଇନଷ୍ଟାରେ ୧୦ ଲକ୍ଷ ଫଲୋଅର୍ସ ହରାଇଲେ ସାଂସଦ ରାଘବ ଚଢ଼ା



ନୂଆଦିଲ୍ଲୀ : ଇନଷ୍ଟାରେ ୧୦ ଲକ୍ଷ ଫଲୋଅର୍ସ ହରାଇଲେ ସାଂସଦ ରାଘବ ଚଢ଼ା । ଆପ ଛାଡ଼ି ପଦ୍ମ ଧରିବା ପରେ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ଫଲୋୟର୍ସ ସଂଖ୍ୟାରେ ବଡ଼ ହ୍ରାସ ଘଟିଛି । ପାର୍ଟି ପରିବର୍ତ୍ତନ ପରେ ତାଙ୍କର ଇନଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ଏକ ମିଲିୟନ କମିଛି । ପୂର୍ବରୁ ସାଂସଦ ରାଘବ ଚଢ଼ାଙ୍କର ଇନଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ପ୍ରାୟ ୧୪.୬ ମିଲିୟନ୍ ଅର୍ଥାତ ୧ କୋଟି ୪୬ ଲକ୍ଷ ଥିଲା । ଗୋଟିଏ ଦିନ ମଧ୍ୟରେ ପ୍ରାୟ ୧ ମିଲିୟନ୍ ଅର୍ଥାତ ୧୦ ଲକ୍ଷ ଫଲୋଅର୍ସ କମିଯାଇଛନ୍ତି । ଏତେ ଫଲୋଅର୍ସ କମିଲେ କାହିଁକି ? ପୂର୍ବରୁ ରାଘବ ଚଢ଼ା ଇଇଚରେ ଥିବା ବେଳେ ଯୁବବର୍ଗ ଓ ଜେନ୍-ଜେଡ୍ (ଏରଭ ତ)ଙ୍କ ମଧ୍ୟରେ ଖୁବ ଲୋକପ୍ରିୟ ଥିଲେ । ତାଙ୍କୁ ସେମାନେ ଅନୁସରଣ କରୁଥିଲେ । ହେଲେ ବିଜେପିରେ ତାଙ୍କର ଯୋଗଦାନକୁ ଅନେକ ସମର୍ଥକ ସହଜରେ ଗ୍ରହଣ କରିପାରୁନାହାନ୍ତି । ପ୍ରତିବାଦ ସ୍ୱରୂପ ଇନଷ୍ଟାରେ ତାଙ୍କୁ ଅନଫଲୋ କରୁଛନ୍ତି । କେବଳ ଏତିକି ନୁହେଁ ସୋସିଆଲ୍ ମିଡିଆରେ ତାଙ୍କୁ ଖୁବ ଟ୍ରୋଲ୍ କରାଯାଉଛି । କିଛି ସପ୍ତାହ ପୂର୍ବରୁ ରାଘବ ଚଢ଼ାଙ୍କୁ ରାଜ୍ୟସଭାରେ ଆପର ରାଜ୍ୟସଭା ଉପନେତା ପଦରୁ ହଟାଇ ଅଶୋକ ମିତ୍ତଲଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହାପରେ ଗତକାଲି ରାଘବଙ୍କ ସମେତ ୭ ସାଂସଦ ଆପ ଛାଡ଼ି ବିଜେପିରେ ସାମିଲ ହେବା ଯୋଗୁ ଆମ ଆଦମୀ ପାର୍ଟିକୁ ଶକ୍ତ ଧକ୍କା ଲାଗିଛି ।

## ପକ୍ଷପାତିତା ଅଭିଯୋଗରେ ନିଲମ୍ବିତ ହେଲେ ୫ ପୋଲିସ୍ ଅଧିକାରୀ

କୋଲକାତା : ନିର୍ବାଚନ ଆୟୋଗ ଶୁକ୍ରବାର ଅର୍ଥାତ୍ ଗତକାଲି ଡାଇମଣ୍ଡ ହାର୍ବର ପୋଲିସ ଜିଲ୍ଲାର ୫ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ନିଲମ୍ବିତ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଏଏସପି ଏବଂ ଏସଡିପିଓ ସାମିଲ ରହିଛନ୍ତି । ଏହି ଅଧିକାରୀମାନଙ୍କ ବିରୋଧରେ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ପକ୍ଷପାତିତା ଏବଂ ନିରପେକ୍ଷତା ବଜାୟ ନରଖିବା ଅଭିଯୋଗ ରହିଛି । ସମସ୍ତ ୫ ଜଣ ପୋଲିସ ଅଧିକାରୀଙ୍କ ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁଯାୟୀ, ନିର୍ବାଚନ ଆୟୋଗ ଡାଇମଣ୍ଡ ହାର୍ବରର ଏସପି ଈଶାନୀ ପାଲଙ୍କୁ ସମ୍ବେଦନଶୀଳ ନିର୍ବାଚନ ସମ୍ବନ୍ଧିତ ମାମଲାରେ ଅଧୀନସ୍ଥ ଅଧିକାରୀଙ୍କ ମଧ୍ୟରେ ଅନୁଶାସନ ଏବଂ ନିରପେକ୍ଷତା ସୁନିଶ୍ଚିତ କରିବାରେ ବିଫଳ ହେବା ଯୋଗୁଁ ଚେତାବନୀ ଜାରି କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ଲାଗୁ କରିବା ସହିତ ଆଜି ସକାଳ ୧୧ ସୁଦ୍ଧା ସମସ୍ତ ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିଲମ୍ବିତ ହୋଇଥିବା ପୋଲିସ ଅଧିକାରୀଙ୍କ ମଧ୍ୟରେ ସନ୍ଦୀପ ଗରାଇ, ଡାଇମଣ୍ଡ ହାର୍ବର, ସଜଳ ମଣ୍ଡଳ, ଏସଡିପିଓ, ଡାଇମଣ୍ଡ ହାର୍ବର, ମୌସମ ଚକ୍ରବର୍ତ୍ତୀ, ଇନସ୍ପେକ୍ଟର ଇନଚାର୍ଜ, ଡାଇମଣ୍ଡ ହାର୍ବର ପୋଲିସ ଷ୍ଟେସନ୍, ଅଜୟ ବାଗ, ଇନସ୍ପେକ୍ଟର ଇନଚାର୍ଜ, ଉସ୍ତି ପୋଲିସ ଷ୍ଟେସନ ସାମିଲ ରହିଛନ୍ତି । ଏହି ସମସ୍ତଙ୍କ ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ କରାଯିବ । ଏହା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର, ଜ୍ଞାନେଶ କୁମାର ଗୁରୁବାର ଦିନ କହିଥିଲେ ଯେ, ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ବର୍ତ୍ତମାନ ସୁଦ୍ଧା ଅଧିକ ମତଦାନ ହାସଲ କରି ରେକର୍ଡ କରିଛି । ନିର୍ବାଚନ ଆୟୋଗ ଅନୁସାରେ ଗୁରୁବାର ସନ୍ଧ୍ୟା ୬ ଟା ସୁଦ୍ଧା ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟରେ ୯୧.୯୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ପଶ୍ଚିମବଙ୍ଗର କେତକ ଜିଲ୍ଲାରେ ୯୦ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ କରାଯାଇଛି । ଦକ୍ଷିଣ ଦିନାଜପୁରରେ ୯୪.୮୫% ସହିତ ସବୁଠାରୁ ଆଗରେ ରହିଛି । ଏହା ପରେ କୁଚ ବିହାର ୯୪.୫୪%, ବୀରଭୂମରେ ୯୩.୭୦%, ଜଲପାଇଗୁଡିରେ ୯୩.୨୩% ଏବଂ ମୁର୍ଶିଦାବାଦରେ ୯୨.୯୩% ମତଦାନ ରେକର୍ଡ କରାଯାଇଛି । ପଶ୍ଚିମବଙ୍ଗର ଶେଷ ୧୪୨ ସିଟରେ ମତଦାନ ମେ ୨୯ ତାରିଖକୁ ହେବ ଏବଂ ଭୋଟ୍ ଗଣତି ମେ ୪ ତାରିଖରେ କରାଯିବ ।




## ହରଭଜନ ସିଂଙ୍କ ଘର ବାହାରେ ହଙ୍ଗାମା

ନୂଆଦିଲ୍ଲୀ : ଆମ ଆଦମୀ ପାର୍ଟି (ଆପ)ର ଅନେକ ରାଜ୍ୟ ସଭା ଏମପି ଭାଜପାରେ ଯୋଗଦେବା ପରେ ପଞ୍ଜାବରେ ରାଜନୈତିକ ପାଣିପାଗ ଉଷ୍ମ ରହିଛି । ଦଳର କର୍ମୀମାନଙ୍କ ମଧ୍ୟରେ ଏହି ନିଷ୍ପତ୍ତିକୁ ନେଇ ବ୍ୟାପକ ଅସନ୍ତୋଷ ସ୍ପଷ୍ଟ ହୋଇଛି । ଏହା ମଧ୍ୟରେ, ଅନେକ ଆପ କର୍ମୀ ପୂର୍ବତନ କ୍ରିକେଟର ଏବଂ ରାଜ୍ୟ ସଭା ଏମପି ହରଭଜନ ସିଂହଙ୍କ ବିରୋଧରେ ସେମାନଙ୍କର କ୍ରୋଧ ପ୍ରକାଶ କରିଛନ୍ତି । କର୍ମୀମାନେ ତାଙ୍କ ବାସଭବନ ବାହାରେ କାନ୍ଥରେ "ବିଶ୍ୱାସଘାତକ" ଲେଖି ସେମାନଙ୍କର ପ୍ରତିବାଦ ପଞ୍ଜିକୃତ କରିଛନ୍ତି । ସୂଚନା ଅନୁସାରେ, ସାତ ଜଣ ଆପ ରାଜ୍ୟ ସଭା ଏମପି ରାଘବ ଚଢା, ସନ୍ଦୀପ ପାଠକ, ସ୍ୱାତୀ ମାଲିଓ୍ୱାଲ, ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ଅଶୋକ ମିତ୍ତଲ ଏବଂ ବିକ୍ରମ ସାହାନି ଭାଜପାରେ ଯୋଗ ଦେଇଛନ୍ତି ।

## ଦିଲ୍ଲୀରୁ ବିହାର ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ : ଦେଶରେ ଗରମର ପ୍ରକୋପ ଦିନକୁ ଦିନ ବଢିବାରେ ଲାଗିଛି । ଉତ୍ତର ଭାରତରେ ଖାସ୍ କରି ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର ଏବଂ ରାଜସ୍ଥାନରେ ଭୟଙ୍କର ଗରମ ଦେଖିବାକୁ ମିଳୁଛି । ଖରାର ପ୍ରକୋପ ବଢୁଥିବା ମଧ୍ୟରେ ପାଣିପାଗ ବିଭାଗ(ଓଗଉ) ବର୍ଷା ସତର୍କତା ଜାରି କରିଛି । ସୂଚନାନୁଯାୟୀ, ଆଜି ଦିଲ୍ଲୀରେ ଗରମରୁ କୌଣସି ମୁକ୍ତି ମିଳିବ । ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏଥିସହିତ ୨୭ ଏପ୍ରିଲ ପର୍ଯ୍ୟନ୍ତ ହିଟୱେଭ୍ ଜାରି ରହିବା ସହିତ ୨୭ ତାରିଖରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ସେହିପରି ଉତ୍ତରପ୍ରଦେଶରେ ଗରମ ପ୍ରବାହ ପାଇଁ ଏପ୍ରିଲ୍ ୨୪ରୁ ୨୭ ପର୍ଯ୍ୟନ୍ତ ହିଟୱେଭ୍ ଜାରି କରାଯାଇଛି । ଉତ୍ତରପ୍ରଦେଶରେ ଏପ୍ରିଲ ୨୮ରୁ ଏପ୍ରିଲ ୩୦ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ବିହାରରେ ଆସନ୍ତାକାଲିଠାରୁ ପାଗ କୋହଲା ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଏପ୍ରିଲ ୨୬ ଠାରୁ ପାଟନା, ଗୟା, ଭାଗଲପୁର ଏବଂ ଦରଭଙ୍ଗା ପାଇଁ ବଜ୍ରପାତ ସତର୍କତା ଜାରି କରିଛି । ଅନ୍ୟପଟେ ରାଜସ୍ଥାନର ବାରମେରରେ ସର୍ବାଧିକ ତାପମାତ୍ରା ୪୪.୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ଆହୁରି ୧ ରୁ ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମହାରାଷ୍ଟ୍ରରେ ଆଗୁଆ ମୌସୁମୀ ବର୍ଷା ହେବାର ସୂଚନା ଦେଇଛି ପାଣିପାଗ ବିଭାଗ । ଏଥିସହ ଆଜି କୋଙ୍କଣ, ମରଠୱାଡା ଏବଂ ପଶ୍ଚିମ ମହାରାଷ୍ଟ୍ରର କିଛି ସ୍ଥାନରେ ଝଡ଼ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । କିଛି ଜିଲ୍ଲାରେ କୁଆ ପଥର ବର୍ଷାର ମଧ୍ୟ ସମ୍ଭାବନା ରହିଛି । ପାଗକୁ ଦୃଷ୍ଟିରେ ରଖି ୟେଲୋ ଆଲର୍ଟ ଜାରି କରାଯାଇଛି ।

## ବିଜେପିରେ ମିଶିଲେ ୭ ଆପ ସାଂସଦ



ନୂଆଦିଲ୍ଲୀ : ଆପ୍ ରାଜନୀତିରେ ଝଡ଼ । ଆମ ଆଦମୀ ପାର୍ଟିର ବଡ଼ ଧରଣର ବିଭାଜନ । ବିଜେପିରେ ମିଶିଲେ ଇଇଚର ୭ ସାଂସଦ ! । ବିଜେପିକୁ ଯାଇଥିବା ୭ ସାଂସଦମାନେ ହେଲେ ରାଘବ ଚଢ଼ା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମ ସାହନି ଏବଂ ସ୍ୱାତି ମାଲିଓ୍ୱାଲ। ଆଜି ବିଜେପି ଅଧ୍ୟକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ଦିଲ୍ଲୀ ବିଜେପି ପାର୍ଟି ଅଫିସ ଯାଇ ସାମିଲ ହୋଇଛନ୍ତି ରାଘବ ଚଢାଙ୍କ ସହ ଅଶୋକ ମିତ୍ତଲ ଓ ସନ୍ଦୀପ ପାଠକ । ଆପର ରାଜ୍ୟସଭା ସାଂସଦ ରାଘବ ଚଢ଼ା ଘୋଷଣା କରିଛନ୍ତି , ଦଳର ଦୁଇ-ତୃତୀୟାଂଶରୁ ଅଧିକ ସାଂସଦ ବିଜେପି ସହ ମିଶିବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ସକାଳେ ଏହି ମିଶ୍ରଣ ନେଇ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରାଯାଇଛି । ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ରାଘବ ଚଢ଼ା କହିଥିଲେ, ଆମେ ନିଷ୍ପତ୍ତି ନେଇଛୁ ରାଜ୍ୟସଭାରେ ଇଇଚର ଦୁଇ-ତୃତୀୟାଂଶ ସଦସ୍ୟ ଭାରତୀୟ ସମ୍ବିଧାନର ନିୟମ ଅନୁଯାୟୀ ବିଜେପି ସହ ମିଶ୍ରଣ କରୁଛୁ। ରାଜ୍ୟସଭାରେ ଇଇଚର ୧୦ ଜଣ ସାଂସଦ ଅଛନ୍ତି, ସେମାନଙ୍କ ମଧ୍ୟରୁ ୭ ଜଣ ଆମ ସହିତ ଅଛନ୍ତି। ଆମେ ସ୍ୱାକ୍ଷରିତ ଚିଠି ଅଧ୍ୟକ୍ଷଙ୍କୁ ଦେଇଛୁ। ଯେହେତୁ ୧୦ ଜଣରୁ ୭ ଜଣ (ଦୁଇ-ତୃତୀୟାଂଶ) ସାଂସଦ ଏହି ନିଷ୍ପତ୍ତି ନେଇଛନ୍ତି, ତେଣୁ ସମ୍ବିଧାନର 'ଦଳବଦଳ ବିରୋଧୀ ଆଇନ' ଅନୁଯାୟୀ ସେମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ । ଏହି ମିଶ୍ରଣ ଫଳରେ ରାଜ୍ୟସଭାରେ ବିଜେପି ଏବଂ ଘଉଇର ସଂଖ୍ୟା ଗରିଷ୍ଠତା ଆହୁରି ବୃଦ୍ଧି ପାଇବ । ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଦଳ ପାଇଁ ଏହା ଏକ ବଡ଼ ବିପର୍ଯ୍ୟୟ ।

## ଦୁର୍ଘଟଣାରେ ଚାଲିଗଲା ୫ ଜୀବନ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ମଉ ଜିଲ୍ଲାର ଦୋହରୀଘାଟ ଥାନା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଜଣାପଡିଛି । ରାଞ୍ଚିର ଏକ ବିବାହ ଉତ୍ସବ ସାରି ସ୍କର୍ପିଓ ଗାଡିରେ ପରିବାର ଲୋକ ଫେରୁଥିବାବେଳେ ଭୟଙ୍କର ଦୁର୍ଘଟଣା ଘଟିଥିଲା ବୋଲି ସୂଚନା ମିଳିଛି । ଫଳରେ ୫ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ସ୍କୋର୍ପିଓ ଗାଡ଼ି ହଠାତ୍ ନିୟନ୍ତ୍ରଣ ହରାଇ ଅନ୍ୟ ଲେନ୍‌କୁ ପାର ହୋଇ ସାମ୍ନାରୁ ଆସୁଥିବା ଏକ ଟ୍ରଲର ସହ ଧକ୍କା ହୋଇଥିଲା । ବରସ୍ତାପୁରରୁ ଅହିରାଣୀ ହାଇୱେରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣା ବିଳମ୍ବିତ ରାତି ପ୍ରାୟ ୨ଟାରେ ହୋଇଥିଲା । ଧକ୍କା ଏତେ ଜୋର ଥିଲା ଯେ, ସ୍କର୍ପିଓ ଗାଡିରେ ଆସୁଥିବା ୫ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ମୃତ ପରିବାର ରାଞ୍ଚିରେ ତାଙ୍କ ଝିଅର ବିବାହ ପରେ ଗୋରଖପୁରର ରାନିଡିହା ଗାଁକୁ ଫେରୁଥିଲେ । କିନ୍ତୁ ଘରକୁ ପହଞ୍ଚିବା ପୂର୍ବରୁ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଅନ୍ୟପଟେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲା । ପୋଲିସ ସମସ୍ତଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲେ । ଏଥିସହ ମୃତକଙ୍କ ପରିଚୟ ଚିହ୍ନଟ କରିଛି ପୋଲିସ ।

## ଭାରତର ସୋଲାର୍ ସେଲ୍ ଉପରେ ୧୨୩% ଶୁଳ୍କ ଲଗାଇଲା ଆମେରିକା



ନୂଆଦିଲ୍ଲୀ: ଭାରତର ସୋଲାର୍ ସେଲ୍ ଓ ମଡ୍ୟୁଲ୍ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ୧୨୩.୦୪ ପ୍ରତିଶତର ପ୍ରାରମ୍ଭିକ ଆଣ୍ଟି ଡମ୍ପିଂ ଡ୍ୟୁଟି ବା ପ୍ରତିସ୍ପର୍ଦ୍ଧୀକରଣ ଶୁଳ୍କ ଲଗାଇଛି। ମୁନ୍ଦ୍ରା ସୋଲାର୍ ଏନର୍ଜି, ମୁନ୍ଦ୍ରା ସୋଲାର୍ ପିଭି, କୋୱା ଏବଂ ପ୍ରିମିୟର ଏନର୍ଜିଜ୍ ଭଳି କମ୍ପାନିର ସାମଗ୍ରୀ ଯାଞ୍ଚ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ସାମନାକୁ ଆସିଛି ବୋଲି ଆମେରିକା ବାଣିଜ୍ୟ ବିଭାଗ କହିଛି। ଭାରତର ସୌର ଶକ୍ତି ସଂଘ ଆମେରିକାର ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି। ନ୍ୟାସନାଲ ସୋଲାର୍ ଏନର୍ଜି ଫେଡେରେସନ୍ ଅଫ୍ ଇଣ୍ଡିଆର ସିଇଓ ସୁବ୍ରମଣ୍ୟମ ପୁଲିପକା କହିଛନ୍ତି ଯେ ତଦନ୍ତ ତ୍ରୁଟିପୂର୍ଣ୍ଣ ଏବଂ ଏଥିରେ ସେଭଳି କୌଣସି ବଳିଷ୍ଠ ଯୁକ୍ତି ନାହିଁ। ଏହି ନିର୍ଦ୍ଦେଶକୁ ସଂଘ ପ୍ରତିବାଦ କରିବ ବୋଲି ସେ କହିଛନ୍ତି। ନୂଆ ଶୁଳ୍କ ଲାଗୁ ହେବା ଫଳରେ ଆମେରିକାରେ ଭାରତୀୟ ସୋଲାର୍ ପ୍ୟାନେଲ ନିର୍ମାତାଙ୍କ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିବ। କାରଣ ନୂଆ ଶୁଳ୍କ ପୂର୍ବରୁ ଆମେରିକା ୧୨୫ ପ୍ରତିଶତ ଶୁଳ୍କ ଲଗାଇଛି। ଏଥିଯୋଗୁ ମୋଟ ଟିକସ ୨୦୦ ପ୍ରତିଶତରୁ ଅଧିକ ହୋଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେରିକାକୁ ରପ୍ତାନି ସମ୍ଭବ ନୁହେଁ ବୋଲି କୁହାଯାଇଛି। ନିକଟରେ ଆମେରିକା ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ନେଇ ୱାସିଂଟନଠାରେ ୩ ଦିନିଆ ଆଲୋଚନା ଶେଷ ହୋଇଛି। ଏଭଳି ସମୟରେ ଭାରତ ଉପରେ ଆମେରିକା ଏହି ଶୁଳ୍କ ଲଗାଇଛି। ଆମେରିକାର ଚଢ଼ା ଶୁଳ୍କ ପରିପ୍ରେକ୍ଷୀରେ ଭାରତର ରପ୍ତାନିକାରୀମାନେ ୟୁରୋପ, ପଶ୍ଚିମ ଏସିଆ ଭଳି ବିକଳ୍ପ ବଜାରର ସନ୍ଧାନ କରିବେ।

## ଦୀନା ମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ, ଜଣେ ମୃତ

କାନପୁର : କାନପୁର ଘାଟମପୁରର ଦୀନା ମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ତିନିଟି ଦୋକାନ ଜଳି ଯାଇଛି । ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ସକାଳେ ଦୋକାନ ଖୋଲିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ସ୍ଥାନୀୟ ଲୋକେ ତୁରନ୍ତ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ସୂଚନାନୁଯାୟୀ, ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ତୁରନ୍ତ ନିଆଁ ବ୍ୟାପିଯାଇଥିଲା । ଫଳରେ ଅନ୍ୟ ଦୋକାନଗୁଡିକ ମଧ୍ୟ ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ତିନିଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି । ସେହି ୩ଟି ଦୋକାନ ଗୋଟିଏ ପରିବାରର ବୋଲି ଜଣାପଡିଛି । ଅଗ୍ନିକାଣ୍ଡ ଯୋଗୁଁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ।

## ବିଇଏମଏଲ୍ ବେଙ୍ଗାଲୁରୁରେ 'ଆଦିତ୍ୟ' କଂପ୍ଲେକ୍ସ ଉଦ୍‌ଘାଟନ କଲେ ଅଶ୍ୱିନୀ ବୈଷ୍ଣବ




ବେଙ୍ଗାଲୁରୁ: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁର ବିଇଏମଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରି ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ, ଆଦିତ୍ୟକୁ ଉଦଘାଟନ କରିଛନ୍ତି। ଏହି ଗସ୍ତ ସମୟରେ, ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଜଟିଳ। ଆମ ଦେଶ ମଧ୍ୟରେ ଏହାର ବିକାଶ ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନୂତନ ଭାବରେ ଉଦ୍ଘାଟିତ ଆଦିତ୍ୟ କମ୍ପ୍ଲେକ୍ସ ଇ-୨୮ କୋଚ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି।

ହାଇ-ସ୍ପିଡ୍ ଟ୍ରେନର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଟ୍ରେନ୍ ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଦୂରତ୍ୱ ହ୍ରାସ ପାଇ ପରସ୍ପରର ଏକ ସଂପ୍ରସାରିତ ଅଂଶଭାବେ ମନେହେବ । ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇଥିଲେ ଯାହା ମାତ୍ର ୭୩ ମିନିଟ୍ ?କୁ ହ୍ରାସ ପାଇବ। ଏହା ଫଳରେ ଦୁଇ ସହର ଏକ ଏକକ ସମନ୍ୱିତ ହବ୍‌ର ଅଂଶ ହୋଇଯିବେ। ମୁମ୍ବାଇ ଏବଂ ବେଙ୍ଗାଲୁରୁ : ମନ୍ତ୍ରୀ କହିଛନ୍ତି ଯେ ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧି ପାଇବ। ହୁବଳି ଦେଇ ଏଲଏଚବି କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ, ଏବଂ ଏକ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି। ଆଞ୍ଚଳିକ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା ଦେଇଥିଲେ ଯେ ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ। ସେ କହିଥିଲେ ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡଗାଓଁ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ବିଚାର କରାଯାଇଛି। ସେ କହିଥିଲେ ଯେ ଏ ନେଇ ବୈଷୟିକ ପ୍ରତିବନ୍ଧକ ଦୂର କରାଯାଇଛି, ବିଶେଷକରି ହାସାନ-ମାଙ୍ଗାଲୁରୁ ସେକ୍ସନର ବିଦ୍ୟୁତୀକରଣ ସଂପୂର୍ଣ୍ଣ ହୋଇଛି ଓ ଉପକୂଳର ତୀକ୍ଷଣ ଢାଲୁ ଅଂଚଳରେ ସୁରକ୍ଷା ପାଇଁ ଅଟୋମେଟେଡ୍ ଏମର୍ଜେନ୍ସି ବ୍ରେକିଂ (ଏଇବି) ବ୍ୟବସ୍ଥା କରାଯାଇଛି।

ମନ୍ତ୍ରୀ ଟିପ୍ପାସାନ୍ଦ୍ରା କେନ୍ଦ୍ରରେ ଥିବା ଇଞ୍ଜିନିୟରିଂ ପ୍ରତିଭାଙ୍କୁ ପ୍ରଶଂସା କରି ନିଜର ଗସ୍ତ ଶେଷ କରିଥିଲେ। ସେ କହିଥିଲେ ଯେ ପରବର୍ତ୍ତୀ ପିଢ଼ିର ରୋଲିଂ ଷ୍ଟକ୍ ଉପରେ ସେମାନଙ୍କର କାର୍ଯ୍ୟ ଏକ ବିକଶିତ ଭାରତର ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ ହେବ। ସେ ପରିବେଶଗତ ସୁରକ୍ଷା ଏବଂ ଜନସଚେତନତା ସହିତ ବିଶାଳ ଭିତ୍ତିଭୂମି ଅଭିବୃଦ୍ଧିକୁ ସନ୍ତୁଳିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## କେଜ୍ରିୱାଲଙ୍କ ବିରୋଧରେ ଗର୍ଜିଲେ ସ୍ୱାତୀ

ନୂଆଦିଲ୍ଲୀ: ଆପ୍ ଛାଡ଼ି ବିଜେପିରେ ଯୋଗ ଦେବାର ଦିନକ ପରେ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ଆଜି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। କେଜ୍ରିୱାଲ ଗୁଣ୍ଡାଗର୍ଦ୍ଦିରେ ଜଡ଼ିତ ଏବଂ ଜଣେ ମହିଳା ବିରୋଧୀ ବ୍ୟକ୍ତି ବୋଲି ସ୍ୱାତୀ ଅଭିଯୋଗ କରିଛନ୍ତି। ସ୍ୱାତୀ କହିଛନ୍ତି, ଆପ୍ ମୁଖ୍ୟ ଯେତେବେଳେ ତାଙ୍କ ରାଜନେ ?ତିକ ଯାତ୍ରା ଆରମ୍ଭ କରିଥିଲେ ସେତେବେଳେ ସେ ପରିବର୍ତ୍ତନର ଆଶା ଦେଖାଇଥିଲେ, କିନ୍ତୁ କ୍ଷମତାକୁ ଆସିବା ପରେ ତାଙ୍କର ସବୁ ନୀତି ବଦଳିଗଲା ଏବଂ ଦଳ କେବଳ ସ୍ୱାର୍ଥସର୍ବସ୍ୱ ନୀତିରେ ପରିଚାଳିତ ହେଲା। କେଜ୍ରିୱାଲ ବିଳାସପୂର୍ଣ୍ଣ ରହଣୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ଧୋକା ଦେଇଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାତୀ କହିଛନ୍ତି, କୌଣସି ପ୍ରକାର ଚାପରେ ମୁଁ ବିଜେପିରେ ଯୋଗ ଦେଇନାହିଁ ବରଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମୁଁ ବିଶ୍ୱାସ କରେ। ଯେଉଁମାନେ ଗଠନମୂଳକ ରାଜନୀତି କରିବାକୁ ଚାହାନ୍ତି ସେମାନଙ୍କୁ ମୁଁ ବିଜେପିରେ ଯୋଗ ଦେବାକୁ ଅନୁରୋଧ କରୁଛି । ୨୦୨୪ ମସିହାର ଏକ ଘଟଣା, ଯେଉଁ ସମୟରେ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସହଯୋଗୀ ବୈଭବ କୁମାର ସ୍ୱାତୀଙ୍କୁ ମାଡ଼ ମାରିଥିଲେ, ସେହି ଘଟଣାକୁ ଇଙ୍ଗିତ କରି ସ୍ୱାତୀ କହିଛନ୍ତି, '୨୦୦୬ରୁ ମୁଁ ଅରବିନ୍ଦ କେଜ୍ରିୱାଲଙ୍କ ସହ କାମ କରୁଛି ଏବଂ ପ୍ରତିଟି ଆନ୍ଦୋଳନରେ ତାଙ୍କୁ ସମର୍ଥନ କରିଛି।

# ପନ୍ତ ଓ ପୁରନଙ୍କୁ କିଣି ପାଣିରେ ପଡିଲା ୪୮କୋଟି

**ନୂଆଦିଲ୍ଲୀ,୨୫।୪:** ଆଇପିଏଲ ୨୦୨୬ ସିଜିନରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଏବେ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି । ଦଳର ଦୁଇ ମହଙ୍ଗା ଖେଳାଳି ଋଷଭ ପନ୍ତ ଏବଂ ନିକୋଲାସ ପୁରନଙ୍କ ଖରାପ ପ୍ରଦର୍ଶନ ଏବେ ଟିମ୍ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଫ୍ରାଞ୍ଚାଇଜି ଏହି ଦୁଇ ଖେଳାଳିଙ୍କ ପାଇଁ ପ୍ରାୟ ୪୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହା ଦଳର ବଜେଟର ଏକ ବଡ଼ ଅଂଶ । ପନ୍ତଙ୍କ ପାଇଁ ୨୭ କୋଟି ଏବଂ ପୁରନଙ୍କ ପାଇଁ ୨୧ କୋଟି ଖର୍ଚ୍ଚ କରିଛି ଫ୍ରାଞ୍ଚାଇଜି । କିନ୍ତୁ ଆଶାନୁରୂପ ପ୍ରଦର୍ଶନ କରିବାରେ ଉଭୟ ଖେଳାଳି ବିଫଳ ହୋଇଛନ୍ତି। ଫଳସ୍ୱରୂପ, ଖେଳାଯାଇଥିବା ୬ଟି ମ୍ୟାଚ୍ ମଧ୍ୟରୁ ଦଳ ମାତ୍ର ଦୁଇଟିରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ନିମ୍ନ ଭାଗରେ ରହିଛି । ଟିମ୍?ର ଏଭଳି ବିଫଳତାକୁ ନେଇ କ୍ରିକେଟ ବିଶେଷଜ୍ଞ ତଥା ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ସାଇମନ ଡୁଲ୍ ବଡ଼ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ ମତରେ, ଟିମ୍‌ର ଟପ୍-୫ ବ୍ୟାଟିଂ କ୍ରମରେ ଥିବା ତିନିଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ପୁରନଙ୍କ




ଅବଦାନ ପ୍ରାୟତଃ ଶୂନ ରହିଛି।

ଡୁଲ୍ କହିଛନ୍ତି ଯେ ଦଳ ନିଜ ବଜେଟର ଅଧା ଅର୍ଥ କେବଳ ଦୁଇଜଣ ଖେଳାଳିଙ୍କ ପଛରେ ଖର୍ଚ୍ଚ କରିଛି, କିନ୍ତୁ ସେମାନେ ମାତ୍ର ଗୋଟିଏ ମ୍ୟାଚ୍ ଜିତାଇବାରେ ସଫଳ ହୋଇଛନ୍ତି । ବାରମ୍ବାର ବ୍ୟାଟିଂ କ୍ରମ ପରିବର୍ତ୍ତନ କରିବା ସତ୍ତ୍ୱେ ଲକ୍ଷ୍ନୌ ଦଳକୁ କୌଣସି ସ୍ଥିରତା ମିଳିପାରି ନାହିଁ । ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ, ପନ୍ତ ୬ଟି ମ୍ୟାଚ୍‌ରେ ୨୯.୪୦ ହାରାହାରି ଏବଂ ୧୩୬.୧୧ ଷ୍ଟ୍ରାଇକ୍ ରେଟରେ ମୋଟ ୧୪୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଗୋଟିଏ ଅର୍ଦ୍ଧଶତକୀୟ ପାଳି ସାମିଲ ଅଛି । ଅନ୍ୟପକ୍ଷରେ, ନିକୋଲାସ ପୁରନଙ୍କ ଅବସ୍ଥା ଅଧିକ ଖରାପ ରହିଛି । ସେ ୬ଟି ପାଳିରେ ମାତ୍ର ୫୧ ରନ୍ କରିଥିବା ବେଳେ ତାଙ୍କ ଆଭରେଜ ୮.୫୦ ରହିଛି । ଏଭଳି ପ୍ରଦର୍ଶନ ତାଙ୍କ ଉପରେ ହୋଇଥିବା ପ୍ରଚୁର ନିବେଶକୁ ଦେଖି ଅତ୍ୟନ୍ତ ନିରାଶଜନକ ବୋଲି ବିବେଚନା କରାଯାଉଛି ।

ଦଳର ବ୍ୟାଟିଂ କ୍ରମରେ ବାରମ୍ବାର ପରିବର୍ତ୍ତନ ଖେଳାଳିମାନଙ୍କୁ ସେମାନଙ୍କର ପ୍ରକୃତ ଲୟ ଫେରି ପାଇବାରେ ବାଧା ସୃଷ୍ଟି କରୁଛି । ଆଇପିଏଲର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ, କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଗାମୀ ମ୍ୟାଚ୍ ଲକ୍ଷ୍ନୌ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି । ଯଦି ପନ୍ତ ଏବଂ ପୁରନ ସେମାନଙ୍କର ଫର୍ମ ଫେରି ନ ପାଆନ୍ତି, ତେବେ ଲକ୍ଷ୍ନୌ ପାଇଁ ପ୍ଲେ-ଅଫ୍ ଦୌଡ଼ରୁ ବାଦ ପଡ଼ିବାର ଆଶଙ୍କା ବଢ଼ିଯିବ ।

# ବାରବାଟୀ ଷ୍ଟାଡିୟମକୁ ଏନଜିଟି ନୋଟିସ୍ ?

**ନୂଆଦିଲ୍ଲୀ,୨୫।୪:** କଟକର ଐତିହାସିକ ବାରବାରୀ ଷ୍ଟାଡିୟମକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ବା ଏନଜିଟି ନୋଟିସ। ଭୂତଳ ଜଳ ଅପବ୍ୟବହାର ଅଭିଯୋଗରେ ବାରବାଟୀ ସହିତ ଦେଶର ୬ଟି କ୍ରିକେଟ ଷ୍ଟାଡିୟମଙ୍କୁ ଏନଜିଟି ନୋଟିସ କରିଛନ୍ତି। ବିନା ଏନଓସିରେ ପିଚ୍ ରକ୍ଷଣାବେକ୍ଷଣ ପାଇଁ ଭୂତଳ ଜଳର ଅପବ୍ୟବହାର ହେଉଥିବା କହିଛନ୍ତି ଏନଜିଟି। ଜଳ ସଂରକ୍ଷଣ ସମ୍ବନ୍ଧୀୟ ନିର୍ଦ୍ଦେଶ ପାଳନ ନ କରିବା ଓ ଆବଶ୍ୟକ ସୂଚନା ନଦେବା ଅଭିଯୋଗରେ ଗତ ୧୬ ତାରିଖରେ ବାରବାଟି ସମେତ ୬ଟି ଷ୍ଟାଡିୟମକୁ ନୋଟିସ୍ ଜାରି କରାଯାଇଛି।




ନୋଟିସ୍ ପାଇଥିବା ୬ଟି କ୍ରିକେଟ ଷ୍ଟାଡିୟମ ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ ବ୍ୟତୀତ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍, ରାୟପୁରର ସହିଦ ବୀର ନାରାୟଣ ସିଂହ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍, ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍, ନଭି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ୍ ଷ୍ଟାଡିୟମ୍ ଓ ଲକ୍ଷ୍ନୌର ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମ୍ ରହିଛି। ଏହି ଷ୍ଟାଡିୟମ୍ ଗୁଡ଼ିକର ସମସ୍ତ କାର୍ଯ୍ୟକଳାପ କାହିଁକି ବନ୍ଦ କରାଯିବ ନାହିଁ, ତାହାର ଜବାବ ରଖିବାକୁ ଏନଜିଟି ନୋଟିସରେ କହିଛନ୍ତି। ଆବେଦନକାରୀଙ୍କ ଯୁକ୍ତି ଅନୁସାରେ, ଏହି ଛଅଟି ଷ୍ଟାଡିୟମରେ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ୍। ଷ୍ଟାଡିୟମରେ କୌଣସି କ୍ରୀଡ଼ା କାର୍ଯ୍ୟକଳାପକୁ ଅନୁମତି ଦିଆନ ଯିବା ଉଚିତ୍। କାରଣ ସେମାନେ ପିଚ୍ ଓ ଗ୍ରାଉଣ୍ଡ୍ ରକ୍ଷଣାବେକ୍ଷଣ ପାଇଁ ଭୂତଳ ଜଳକୁ ମନଇଚ୍ଛା ବ୍ୟବହାର କରୁଛନ୍ତି। ପ୍ରତିକ୍ରିୟାକୃତ ଜଳ ବ୍ୟବହାର କିମ୍ବା ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା କରୁନାହାନ୍ତି। ଫଳରେ ପାନୀୟ ଜଳ ଗୁରୁତର ଭାବେ ପ୍ରଭାବିତ ହେଉଛି ବୋଲି ଆବେଦନକାରୀ ଯୁକ୍ତି ଉପସ୍ଥାପନ କରିଛନ୍ତି।

# ଶ୍ରୀଲଙ୍କା କ୍ରିକେଟ ବୋର୍ଡରେ ହେବ ବଡ଼ ପରିବର୍ତ୍ତନ

**କଲମ୍ବୋ,୨୫।୪:** ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ଦେଶର କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭାଙ୍କୁ ଭେଟିଥିଲେ। ଏଥିରୁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ବୋର୍ଡରେ ପରିବର୍ତ୍ତନର ସୂଚନା ମିଳୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ସିଲ୍‌ଭା ତାଙ୍କ ପଦବୀରୁ ବହିଷ୍କୃତ ହୋଇପାରନ୍ତି । ସରକାର ମେ' ୧ରୁ ଏକ କାମଚ଼ଳା ପ୍ରଶାସନ ଖେଳର




ପରିଚ଼ାଳନା ଦାୟିତ୍ୱ ନେଇପାରନ୍ତି। ଶ୍ରୀଲଙ୍କାର ୧୯୭୩ କ୍ରୀଡ଼ା ଆଇନ ଅନୁସାରେ ଦେଶର କ୍ରୀଡ଼ାମନ୍ତ୍ରୀ ଚ଼ାହିଁଲେ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ଭାଙ୍ଗି ଦେଇପାରିବେ। ହେଲେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମ ବହିର୍ଭୂତ କାର୍ଯ୍ୟ ହେବ। ଖେଳାଳିଙ୍କ ଅଶାନ୍ତି, ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ଶ୍ରୀଲଙ୍କା ତଳକୁ ଖସିବା ଏବଂ ଖରାପ ପ୍ରଦର୍ଶନ କାରଣରୁ ସିଲ୍‌ଭାଙ୍କ ପ୍ରତି ସରକାରଙ୍କ ଅସନ୍ତୋଷ ପ୍ରକାଶ ପାଇଛି।

ସିଲ୍‌ଭା ଗତବର୍ଷ ନିର୍ବାଚ଼ିତ ହୋଇଥିଲେ। ୨୦୨୭ ମେ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ଥିଲା। ଗତ ନଭେମ୍ବରରେ ସେ ପୂର୍ବତନ କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା ବହିଷ୍କୃତ ହୋଇଥିଲେ, ମାତ୍ର କୋର୍ଟଙ୍କ ହସ୍ତକ୍ଷେପ ଯୋଗୁ ସେ ପୁନଃ ଅବସ୍ଥାପିତ ହୋଇଥିଲେ। ୨୦୨୪ ଡିସେମ୍ବରରେ ଏକ ମଧ୍ୟବର୍ତ୍ତୀକାଳୀନ କମିଟି ନିଯୁକ୍ତି ପାଇଁ ଏକ ରାଜନୈତିକ ପଦକ୍ଷେପ ଯୋଗୁ ଆଇସିସି ଦ୍ୱାରା ଶ୍ରୀଲଙ୍କାର ପୂର୍ଣ୍ଣ ସଦସ୍ୟତାରୁ ସସ୍‌ପେଣ୍ଡ ହୋଇଥିଲା। ଫଳରେ ଦେଶ ୧୯ ବର୍ଷରୁ କମ୍? ବିଶ୍ୱକପ୍ ୨୦୨୫ ଆୟୋଜନ ଅଧିକାର ହରାଇଥିଲା, ଯାହା ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତରିତ ହୋଇଥିଲା।

# ଗୋପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ପୟରା ସାଇଲେଣ୍ଟ ଷ୍ଟ୍ରାଇକର ଚ଼ାମ୍ପିଅନ

**ଗୋପ,୨୫।୪:** ଗୋପ ବ୍ଲକ ଲିଗ (ଜିବିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ପଞ୍ଚମ ସଂସ୍କରଣ ମେଗା ଫାଇନାଲ ମ୍ୟାଚ୍ ରୋମାଞ୍ଚକର ଭାବେ ପରିସମାପ୍ତି ହୋଇଛି। ଫାଇନାଲ ମ୍ୟାଚ୍‌ରେ ଗୋପ ବାବା ସ୍ୱ?ର୍ଟିଂ କୁ ୧୮ ରନରେ ହରାଇ ପୟରା ସାଇଲେଣ୍ଟ ଷ୍ଟ୍ରାଇକର ଚ଼ାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ସାଇଲେଣ୍ଟ ଷ୍ଟ୍ରାଇକର ନିର୍ଦ୍ଧାରିତ ୧୬ ଓଭରରେ ୮ ୱିକେଟ ହରାଇ ବିଶାଳ ୧୭୯ ରନ୍ ସ୍କ?ର କରିଥିଲା। ଜବାବରେ ଗୋପ ବାବା ସ୍ୱ?ର୍ଟିଂ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗୋପ ବ୍ଲକ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପଞ୍ଚମ ସଂସ୍କରଣ ଚ଼ାମ୍ପିଅନ ଭାବେ ସାଇଲେଣ୍ଟ ଷ୍ଟ୍ରାଇକର ଟ୍ରଫି କବଜା କରିଥିଲା। ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ପୁରୀ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ତଥା



କସ୍ତୁରୀବାଳା ଫାଉଣ୍ଡେସନ ଅଧକ୍ଷା ଶ୍ରୀମତୀ କସ୍ତୁରୀବାଳା ସ୍ୱାଇଁ, କୋଣାର୍କର ଯୁବ ସଂଗଠକ ତଥା ଯୁବ ବ୍ୟବସାୟୀ ମନୋଜ କୁମାର ନାୟକ, ସମାଜସେବୀ କାର୍ତ୍ତିକ ନାୟକ ଓ ସାମ୍ବାଦିକ ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳ କ୍ରିକେଟ୍ ସହ କ୍ରିକେଟ୍ ଖେଳାଳି କିପରି ଆଗକୁ ବଢ଼ି ଜିଲ୍ଲା ଓ ରାଜ୍ୟ ପାଇଁ ପ୍ରତିନିଧି କରିବେ ସେନେଇ ପ୍ରୟାସ କରିବା ଉଚ଼ିତ୍ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ମାନେ ସମସ୍ତଙ୍କୁ ଟ୍ରଫି, ମେଡାଲ ଓ ଚେକ୍ ଦେଇ ପୁରସ୍କାର କରିଥିଲେ। ସାଇଲେଣ୍ଟ ଷ୍ଟ୍ରାଇକର ବିଜେତା ଚ଼ାମ୍ପିଅନ ଟ୍ରଫି ସହ ୭୦ ହଜାର ଟଙ୍କା, ବାବା ସ୍ୱ?ର୍ଟିଂ ଉପ ବିଜେତା ଟ୍ରଫି ସହ ୫୦ ହଜାର ଟଙ୍କା, ହୋଲ୍ଡର ଙ୍କୁ ଫାଇନାଲ ମ୍ୟାନ୍ ଅଫ ମ୍ୟାଚ୍, ବିଜୟଙ୍କୁ ଲିଗ୍ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟର ଭାବେ ପ୍ରମୋଦ ସିହ୍ନା ଓ ନିଲୁ ପ୍ରଧାନ ଖେଳ ପରିଚ଼ାଳନା କରିଥିବା ବେଳେ ରଞ୍ଜନ ଜେନା ଓ ସଂଜୟ ମୁଦୁଲି ସ୍କ?ର ବୋର୍ଡ ପରିଚ଼ାଳନା କରିଥିବା ବେଳେ । ଦୀର୍ଘ ଦିନ ହେବ ଚ଼ାଲିଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟକୁ ପ୍ରଣୟ ପ୍ରଧାନ, ଦିପ୍ତୀରଂଜନ ଗୋଚ୍ଛାୟତ, ଶ୍ରୀତମ ସ୍ୱାଇଁ, ବିଜୟ ବେହେରା, ଆଲୋକ ଭୋଇ, ଆଶିଷ କୁମାର ନାୟକ, ଦେବରାଜ ବେହେରା, ଗୋପାଳ କଚେରି ଓ ଅନିଲ ବେଉରା ପ୍ରମୁଖ ସମସ୍ତ ଖେଳକୁ ପରିଚ଼ାଳନା କରିଥିଲେ।

# ୨୫ରୁ ଜୁନିୟର ଓ ସିନିୟର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚ଼ାମ୍ପିଅନସିପ୍

**ଭୁବନେଶ୍ୱର,୨୫।୪:** ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ (ଙଏଇ) ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ଏପ୍ରିଲ ୨୫ରୁ ମେ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୦୨୬–୨୭ ଜୁନିୟର ଓ ସିନିୟର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚ଼ାମ୍ପିଅନସିପ୍ ବିଷୟରେ ଏଠାରେ ସୂଚ଼ନା ଦିଆଯାଇଛି। ଏହି ପ୍ରତିଯୋଗିତା ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ, ଭାରତୀୟ ଜିମ୍ନାଷ୍ଟିକ୍ ଫେଡେରେସନ୍ (ଏଋଓ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେଉଛି।

ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟ, ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ଭିସ୍ ବୋର୍ଡର ୬୦୦ରୁ ଅଧିକ




ଜିମ୍ନାଷ୍ଟ ଭାଗ ନେବେ। ପୁରୁଷ (ଗଇଏ) ଏବଂ ମହିଳା (ଙଇଏ) ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ବର୍ଗରେ ଟିମ୍ ଚ଼ାମ୍ପିଅନସିପ୍, ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଏବଂ ଆପାରାଟସ୍ ଫାଇନାଲ୍ ଅନୁଷ୍ଠିତ ହେବ। ପ୍ରଣତି ନାୟକ, ତପନ ମହାନ୍ତି, ଯୋଗେଶ୍ୱର ସିଂ, ଆଶିଷ କୁମାରଙ୍କ ଭଳି ଦେଶର ନାମୀଦାମୀ ଜିମ୍ନାଷ୍ଟମାନେ ଏଥିରେ ପ୍ରତିଭା ପ୍ରଦର୍ଶନ କରିବେ।

ଏହି ଜାତୀୟ ଚ଼ାମ୍ପିଅନସିପ୍ ଆଧାରରେ ଆଗାମୀ ଏସୀୟ କ୍ରୀଡ଼ା (ଇଷ୍ୱସବଭ ଏବଙ୍କରଷ୍ୱ), କମନୱେଲଥ ଗେମ୍ସ ଏବଂ ଏସୀୟ ଚ଼ାମ୍ପିଅନସିପ୍ ପାଇଁ ଖେଳାଳି ଚ଼ୟନ କରାଯିବ। ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚ଼ିବ ଶ୍ରୀ ବିଜୟ କୁମାର ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି। ଜିମ୍ନାଷ୍ଟିକ୍ ଫେଡେରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ କଲ୍‌ଲୋଳ ମୁଖାର୍ଜୀ ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସମ୍ପାଦକ ଶ୍ରୀ ଅଶୋକ ସାହୁ ଏହି ପ୍ରତିଯୋଗିତାକୁ ଯୁବ ପ୍ରତିଭାଙ୍କ ପାଇଁ ଏକ ବଡ଼ ସୁଯୋଗ ବୋଲି ଅଭିହିତ କରିଛନ୍ତି। ଅନ୍ତର୍ଜାତୀୟ ମାନକ ଅନୁଯାୟୀ ଏହି ଇଭେଣ୍ଟ ପାଇଁ ପ୍ରାୟ ୩୦୦ ଅଧିକାରୀ ଓ ବିଚ଼ାରପତି ନିୟୋଜିତ ହୋଇଛନ୍ତି। ଓଡ଼ିଶାରେ ଏହି ବୃହତ ପ୍ରତିଯୋଗିତାର ଆୟୋଜନ ରାଜ୍ୟର କ୍ରୀଡ଼ା ସଫଳତାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି।

# ସି.ଏମ୍ ଟ୍ରଫି ଫୁଟବଲ ଦ୍ୱିତୀୟ ସଂସ୍କାରଣ

**କେନ୍ଦ୍ରାପଡା,୨୫।୪:** ୧୪ବର୍ଷ କମ୍ ବାଳକ ବିଭାଗର ସିଏମ୍ ଟ୍ରଫି ଦ୍ୱିତୀୟ ସଂସ୍କାରଣ ଫୁଟବଲ ପ୍ରତିଯୋଗିତା ପଚ୍ଚାମୁଣ୍ଡାଇ ସ୍ଥିତ ହରିହରାନନ୍ଦ ଆଶ୍ରମ ସ୍କୁଲ ପଡିଆ ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଅଛି । ଉଦଘାଟନ ଉତ୍ସବରେ ମୁଖ୍ୟ ପରିଚାଳକ ଅଦିତ୍ୟ ନନ୍ଦ ଗିରି ଏବଂ ଅଧକ୍ଷ ଡଃ ମଳୟ ନନ୍ଦ ଗିରି ଉପସ୍ଥିତ ରହି ଖେଳାଳି ମାନଙ୍କୁ ଫୁଟବଲ ଖେଳରେ କ୍ରୀଡାର ଭାତୃଭାବ ଏବଂ ଶୃଙ୍ଖଳମୟ ଜୀବନ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ରଖିବା ସହ ରାଜ୍ୟ ସରକାରଙ୍କ ଏହି ପ୍ରତିଯୋଗିତା ନୂତନ କ୍ରୀଡାବିତ୍ ଅନୁସନ୍ଧାନର ମୂଳ ଲକ୍ଷ୍ୟ ବୋଲି ମତରଖି ଥିଲେ । କେନ୍ଦ୍ରାପଡା ଜିଲ୍ଲା ସଂସଦର ସହଯୋଗରେ ଏହି ପ୍ରତିଯୋଗିତା ପ୍ରତିକଦିନ ସକାଳ ଏବଂ ଅପରାହ୍ଣରେ ଅନୁଷ୍ଠିତ ହୋବ ବୋଲି




ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଘୋଷଣା କରିବାସହ ଓଡିଆ ସରକାର ଏହି ପଦକ୍ଷେପକୁ କ୍ରୀଡାର ବିକାଶରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂପାଦକ ଜ୍ୟୋତିର୍ମୟ ଦାସ, କୋଷାଧକ୍ଷ ଯୁଧିଷ୍ଠିର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ଅନ୍ତରାଷ୍ଟ୍ରୀୟ ଫୁଟବଲ ମହିଳା ଖେଳାଳି, ଗାୟତ୍ରୀ ମଲ୍ଲିକ, ଅଲୋଚନା ସେନାପତି, ରଶ୍ମିତା ପାତ୍ର ପ୍ରମୁଖ ଖେଳାଳୀ ଚୟନ ନିମନ୍ତେ ଉପସ୍ଥିତ ଥିଲେ । ଆଜିର ଖେଳରେ ପଚ୍ଚାମୁଣ୍ଡାଇ ଦଳ ୭-୦ ଗୋଲରେ ଜେନିଥ ଇନ□ନେସନାଲ ସ୍କୁଲକୁ ପରାସତ କରିଥିବା ସ୍ଥଳେ ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡା ସଦର ଦଳ କେନ୍ଦ୍ରାପଡା ହାଇସ୍କୁଲକୁ ୪-୦ ଗୋଲରେ ପରାସ୍ତକରି ଦ୍ୱିତୀୟ ରାଉଣ୍ଡକୁ ଉର୍ତ୍ତିନ୍ନ ହୋଇଛି ।

# ବନ୍ଧୁକଚ଼ାଳନାରେ ଶମ୍ଭାବୀ-ଦିବ୍ୟାଂଶୁଙ୍କୁ ସ୍ୱର୍ଣ୍ଣ

**କାଇରୋ,୨୫।୪:** ଭାରତର ୧୦ ମିଟର ରାଇଫଲ ମିଶ୍ରିତ ଯୁଗଳ ଦଳ ଶମ୍ଭାବୀ ଖୀରସାଗର ଓ ଦିବ୍ୟାଂଶୁ ଦିୱାନ୍‌ଗାନ୍ ବିଶ୍ୱ ରେକର୍ଡ ସ୍କୋର୍ ସହ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶୁକ୍ରବାର ଫାଇନାଲ୍‌ରେ ଏହି ଭାରତୀୟ ଯୋଡି ୪୯୯.୦ ସ୍କୋର୍ କରି ପ୍ରଥମ ସ୍ଥାନରେ ରହିଥିଲେ। ଚ଼ାଇନିଜ୍ ତାଇପେଇର ସାଇ ଚ଼ିଏ-ୟିଙ୍ଗ ସ ଚେନ୍ ୟୁ-ଆନ୍ (୪୯୮.୩) ରୌପ୍ୟ ଏବଂ ଫ୍ରାନ୍ସ ଯୋଡି ତିଫେନ ପୋମେସ ଓ ଜାସପାର୍ଡ ଲିଜର୍ (୪୩୪.୪) କାଂସ୍ୟ ଜିତିଥିଲେ।

ଭାରତୀୟ ଯୋଡି ଯୋଗ୍ୟତା ପର୍ଯ୍ୟାୟରେ ୬୩୨.୦ ସ୍କୋର୍ ସହ ଶୀର୍ଷରେ ରହି ଫାଇନାଲ୍‌ରେ ପହଞ୍ଚିଥିଲେ। ୨୫ ମିଟର ରାପିଡ୍




ଫାୟର ପିସ୍ତଲ ପୁରୁଷ ଯୋଗ୍ୟତା ପର୍ଯ୍ୟାୟରେ ୫୭୩ ସ୍କୋର୍ ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍‌ରେ ପହଞ୍ଚିଥିଲେ। ହେଲେ ଫାଇନାଲରେ ସପ୍ତମ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ସଂପ୍ରତି ଭାରତ ଏହି ପ୍ରତିଯୋଗିତାରେ ୧୨ (୪ ସ୍ୱର୍ଣ୍ଣ, ୫ ରୌପ୍ୟ, ୩ କାଂସ୍ୟ) ପଦକ ସହ ଶୀର୍ଷରେ ରହିଛି। ସୂଚ଼ନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡିଶାର ମାନ୍ୟତା ସିଂହ ୧୦ ମିଟର ଏୟାର ରାଇଫଲ୍ ଯୋଗ୍ୟତା ପର୍ଯ୍ୟାୟରେ ୬୨୮.୩ ସ୍କୋର୍ କରିଥିଲେ ମଧ୍ୟ ଫାଇନାଲ୍‌ରେ ପହଞ୍ଚିବାରେ ବିଫଳ ହୋଇଥିଲେ।

# ଇତିହାସ ରଚ଼ିଲେ ବିରାଟ କୋହଲି, ହାସଲ କଲେ ବିରଳ ସଫଳତା

**ନୂଆଦିଲ୍ଲୀ,୨୫।୪:** ଭାରତୀୟ କ୍ରିକେଟର ରନ ମେସିନ ତଥା ଆପିଏଲ ଫ୍ରାଞ୍ଚାଇଜ ରୟାଲ ଚ଼୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଷ୍ଟାର ବିରାଟ କୋହଲି ରଚ଼ିଛନ୍ତି ଇତିହାସ। ସେ ଆଇପିଏଲ ଇତିହାସର ପ୍ରଥମ ଖେଳାଳି ଭାବେ ୮୦୦ଟି ଚୌକା ମାରିବାର ରେକର୍ଡ ନିଜ ନାଁରେ କରିଛନ୍ତି। ୩୭ ବର୍ଷୀୟ ବିରାଟ ଶୁକ୍ରବାର ଖେଳା ଯାଉଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଏପରି ସଫଳତା ପାଇଛନ୍ତି। ବେଙ୍ଗାଲୁରୁର ଏମ ଚ଼ିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଉଥିବା ମ୍ୟାଚ୍‌ରେ ବିରାଟ ନିଜ ବିସ୍ଫୋରକ ଇନିଂସର ପ୍ରଥମ ଚୌକା କାଗିସୋ ରବାଡାଙ୍କୁ ମାରିଥିଲେ। ବଲ ବାଉଣ୍ଡରୀ ବାହାରକୁ ଯିବା କ୍ଷଣି ବିରାଟଙ୍କ ଐତିହାସିକ କ୍ରିକେଟ କ୍ୟାରିୟରରେ ଆଉ ଏକ କୀର୍ତ୍ତିମାନ ଯୋଡି ହୋଇ ଯାଇଥିଲା। ଆଇପିଏଲ ଇତିହାସରେ ସର୍ବାଧିକ ଚୌକା ମାରିଥିବା।



ତାଲିକାରେ ବିରାଟ ୧ ନମ୍ବରରେ ରହିଥିବା ବେଳେ ଦ୍ୱିତୀୟରେ ଶିଖର ଧୱନ( ୭୬୮), ତୃତୀୟରେ ଡାଭିଡ ୱାର୍ଣ୍ଣର (୬୬୩) ଓ ୪ର୍ଥରେ ରୋହିତ ଶର୍ମା ( ୬୫୩ ) ରହିଛନ୍ତି। କେବଳ ୮୦୦ ଚୌକା ମାରିବାରେ ବିରାଟ ପ୍ରଥମ ବ୍ୟାଟର ବନି ନାହାନ୍ତି, ବରଂ ଶୁକ୍ରବାର ତାଙ୍କ ନାଁରେ ଆଉ ଏକ ସଫଳତା ଯୋଡି ହୋଇଯାଇଛି। ସେ ଆଇପିଏଲ ଇତିହାସର ପ୍ରଥମ ଖେଳାଳି ଭାବେ କୌଣସି ଗୋଟିଏ ଟିମ ପାଇଁ ୩୦୦ଟି ଛକା ମାରିବାର କୀର୍ତ୍ତିମାନ ହାସଲ କରିଛନ୍ତି।

ଆରସିବି ପାଇଁ ସେ ଏପରି ସଫଳତା ଆଣି ଦେଇଛନ୍ତି। କାରଣ ୨୦୦୮ରୁ ବିରାଟ କ୍ରମାଗତ ଭାବେ ଆରସିବି ପାଇଁ ମ୍ୟାଚ୍ ଖେଳି ଚ଼ାଲିଛନ୍ତି। ଏବେ ସେ ଆରିସିବି ପାଇଁ ୩୦୦ଟି ଛକା ମାରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍ କଥା ବିଚ଼ାରକୁ ନେଲେ ସାଇ ସୁଦର୍ଶନଙ୍କ ୫୮ ବଲରେ ୧୦୦ ରନ ବଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୦୫ ରନ କରିଥିଲା। ୨୦୬ ରନର ବିଶାଳ ଟାର୍ଗେଟ ପାଇଥିବା ଆରସିବି ଏହାକୁ ୭ ବଲ ପୂର୍ବରୁ ୫ ୱିକେଟ ହରାଇ ହାସଲ କରି ନେଇଛି। ବିରାଟ କୋହଲି ୪୪ ବଲରେ ୮୧ ଓ ଦେବଦତ୍ତ ପାଡିକ୍କଲ ୨୭ ବଲରେ ୫୫ ରନର ଇନିଂସ ଖେଳି ମ୍ୟାଚ୍‌କୁ ପୂରା ଏକତରଫା କରି ଦେଇଥିଲେ। ବିରାଟ ତାଙ୍କ ଇନିଂସା ୮ଟି ଚୌକା ଓ ୪ଟି ଛକା ମାରିଛନ୍ତି। ବାସ୍ତବରେ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ମହମ୍ମଦ ସିରାଜଙ୍କ ବଲରେ ଅତି ସହଜ କ୍ୟାଚ୍? ୱାଶିଂଟନ ସୁନ୍ଦରଙ୍କୁ ଦେଇଥିଲେ। ହେଲେ ସୁନ୍ଦର ଏହାକୁ ହାତ ଛଡା କରିବା ପରେ ବିରାଟ ଦେଖାଇଥିଲେ ଆକ୍ରମଣାତ୍ମକ ରୂପ। ଶେଷରେ ସେ ହିଁ ଗୁଜରାଟ ଠାରୁ ୨ ପଏଣ୍ଟ ଛଡାଇ ନେଇଛନ୍ତି। ବିସ୍ଫୋରକ ଇନିଂସ ପାଇଁ ବିରାଟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ମିଳିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ